**ପେନ୍‌ସନଭୋଗୀ, ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ଶିବିର**

ନିମାପଡ଼ା,(ବିଚିତ୍ରାନନ୍ଦ ସାହୁ) ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିମାପଡ଼ା ଶାଖା ପକ୍ଷରୁ ପେନ୍‌ସନଭୋଗୀ ଓ ବରିଷ୍ଠ ନାଗରିକଙ୍କ ନିମନ୍ତେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଶନିବାର ବ୍ୟାଙ୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ କଟକର ଡାକ୍ତର ଜଗନ୍ନାଥ ସାହୁ ଶତାଧିକ ପେନସନଭୋଗୀ ଓ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିମାପଡ଼ା ଶାଖାର ଚିଫ୍ ବ୍ୟାଙ୍କ ମ୍ୟାନେଜର ଦେବାନନ୍ଦ ସେଠୀ, ଫିଲ୍ଡ ଅଫିସର ବିଶ୍ୱଜିତ୍ ପୃଷ୍ଟି, ଆଲୋକ କୁମାର ସାସ୍ମଲ, ନିମାପଡ଼ା ନାଗରିକ ମଞ୍ଚ ସଭାପତି ପ୍ରମୋଦ ଚନ୍ଦ୍ର ମହାନ୍ତି, ସମ୍ପାଦକ ଦିଗମ୍ବର ନାୟକ, ବ୍ୟାଙ୍କର ବହୁ ପଦସ୍ଥ ଅଧିକାରୀ, ବହୁ ବରିଷ୍ଠ ନାଗରିକ ଓ ପେନ୍‌ସନଭୋଗୀ ଶିବିରରେ ଯୋଗଦେଇଥିଲେ।

# ଓଡ଼ିଆଣୀ ବେଶରେ ଦର୍ଶନ ଦେବେ ଶ୍ରୀରାଧା

ସାକ୍ଷୀଗୋପାଳ,୯।୧୧(ଭରତ ରାଉତ/ କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)



ଦୃଷ୍ଟିହୀନ କଳାକାରମାନେ ଭଜନ ପରିବେଷଣ କରୁଛନ୍ତି ।

କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ନବମୀ ତିଥି ରବିବାର ସାକ୍ଷୀଗୋପାଳ ମନ୍ଦିରରେ ଅଁଳାନବମୀ। ଏହି ଅବସରରେ ବର୍ଷକୁ ଗୋଟିଏ ଦିନ ଶ୍ରୀରାଧା ଓଡ଼ିଆଣୀ ବେଶରେ ସଜେଇହେବେ। ବର୍ଷ ସାରା ଉତ୍ତର ଭାରତ ନାରୀ ସଦୃଶ ବେଶ ଧାରଣ କରୁଥିବା ବେଳେ ପୂର୍ବକାଳରେ ଓଡ଼ିଆଘର ବୋହୂମାନେ ପରିଧାନ କରୁଥିବା ଭଳି ପାଟଶାଢ଼ି କାଣିଆକଚ୍ଛା ମାରି ଶ୍ରୀରାଧା ପିନ୍ଧିବେ। ପାରମ୍ପରିକ ସୁବର୍ଣ୍ଣ ଗହଣାଗୁଡ଼ିକ ମଧ୍ୟରେ ପାଦପଦ୍ମ, ପାଉଁଜି, ଝୁଣ୍ଟିଆ, ପାହୁଡ଼, ବାଙ୍କି, ଚନ୍ଦ୍ରହାର ଶିକୁଳି, ବେଙ୍ଗପାଟିଆ, ତବିଜ, ଅଁଳାମାଳ, ପୋହଳାମାଳ, ଚାପସରୀ, ପଣସକଣ୍ଟା ଖଡ଼ୁ, ବାହୁଟି, ବଟଫଳମାଳ, ଦ୍ରାବିଡ଼ଚନ୍ଦ୍ର, ମୟୂରସା ଗୁଣା, ନୁଥ, ସେତିହାର, ଡେଉଁରିଆ ମାଳ, କିରୀଟି ଆଦି ଗହଣା ଲାଗି କରାଯିବ। ଫୁଲହାର, ଅଁଳାଫଳ ମାଳ, ଦୂବ, ଅରୁଆ ଚାଉଳ ସହିତ କଜଳ, ସିନ୍ଦୂର, ଅଳତା ଓ ଚନ୍ଦନପାଟି ଲାଗି କରାଯିବ।

ଏଥିସହ ସାକ୍ଷୀଗୋପାଳ ଠାକୁର ନଟବର ବେଶରେ ସଜ୍ଜିତ ହୋଇ ଛନ୍ଦାଚରଣରେ ନୃତ୍ୟରତ ଭଙ୍ଗିରେ ଶୋଭାପାଇବେ। ଏଥିପାଇଁ ଶନିବାର ରାତି ୧୦ଟାରେ ଠାକୁରଙ୍କ ପହୁଡ଼ ନୀତି କରାଯାଇ ୧୨ଟା ପରେ ଦେବନୀତି ଆରମ୍ଭ ହୋଇଥିଲା। ମଙ୍ଗଳ ଆଳତି, ବେଶ ମଇଲମ, ମର୍ଦ୍ଦନ, ଅବକାଶ, ବେଶ, ସୂର୍ଯ୍ୟପୂଜା ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳଧୂପ, ବାଲ୍ୟଧୂପ ଏବଂ ଆଳତି ପରେ ସେବାୟତ ପରିବାର ପ୍ରଥମେ ଦର୍ଶନ କରିବା କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ସାହାଣମେଲା ଦର୍ଶନ ଆରମ୍ଭ ହେବ ବୋଲି ସେବାୟତ ସଂଘ କର୍ମକର୍ତ୍ତା କହିଛନ୍ତି। ପୁରୀ ଜିଲାର ୨ୟ ବୃହତମ ଗଣପର୍ବ ମାନ୍ୟତା ଲଭିଥିବା ଅଁଳାନବମୀ ଉପଲକ୍ଷେ ମନ୍ଦିର ରଙ୍ଗ, ଫୁଲମାଳ ଓ ସୁନ୍ଦର ଆଲୋକ ସଜ୍ଜା ଶେଷ ହୋଇଛି। ସାକ୍ଷୀଗୋପାଳ ବଜାରଠାରୁ ପଞ୍ଚସଖା ପଡ଼ିଆ ପର୍ଯ୍ୟନ୍ତ ଉଜ୍ଜ୍ୱଳ ଆଲୋକମାଳାରେ ଝଲସୁଛି। ଶୃଙ୍ଖଳିତ ଦର୍ଶନ ନିମନ୍ତେ ମନ୍ଦିର ସମ୍ମୁଖରେ ଛାୟାପ୍ରଦ ବାରିକେଡ୍, ଯାନବାହନ ନିୟନ୍ତ୍ରଣଠାରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଶନିବାର ଅପରାହ୍ଣରେ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ, ଅନ୍ୟ ପୋଲିସ ଅଧିକାରୀଙ୍କ ସହ ସୁରକ୍ଷା ବ୍ୟାବସ୍ଥାର ଡେମୋ କରିଥିଲେ।

ସନ୍ଧ୍ୟାରେ ପଞ୍ଚସଖା ପଡ଼ିଆରେ ପଲ୍ଲିଶ୍ରୀ ମେଳା ଓ ସଂସ୍କୃତି ବିଭାଗ ପକ୍ଷରୁ ୩ଦିନ ବ୍ୟାପୀ ଶ୍ରୀରାଧା ଉତ୍ସବ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ମୁଖ୍ୟ ଅତିଥି ଭାବେ ପ୍ରଦୀପ ପ୍ରଜ୍ୱଳନକରି ଉଦ୍‌ଘାଟନ କରିଥଲେ। ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡା, ତହସିଲଦାର ସନ୍ତୋଷ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶୀ ଓ ବିଡିଓ ଲିପ୍ସା ରାୟ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ମେଳା ପଡ଼ିଆରେ ମିଶନ ଶକ୍ତି, ହସ୍ତଶିଳ୍ପ ଷ୍ଟଲ ଖୋଲାଯାଇଛି। ମନ୍ଦିର ସିଂହଦ୍ୱାର ମନ୍ଦିର ବେଢ଼ାରେ ସେବା ଟ୍ରଷ୍ଟ ପକ୍ଷରୁ ୧୫ ଜଣ ଚିତ୍ରଶିଳ୍ପୀ ରଙ୍ଗୋଲି କରିଛନ୍ତି। ଦୃଷ୍ଟିବାଧିତ କଳାକାରମାନେ ଭଜନ ପରିବେଷଣ କରିଥିଲେ। ବିଧାୟକ ମିଶ୍ର ଉପସ୍ଥିତ ରହି ଯାତ୍ରା ପରିଚାଳନା ତଦାରଖ କରୁଛନ୍ତି। ବଛା ବଛା ପୋଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ତୀକ୍ଷ୍ଣ ନଜର ରଖିଥିବା ଆଇଆଇସି ଉମେଶ କୁମାର ସାହୁ କହିଛନ୍ତି।

**ଆଜି ଅଁଳାନବମୀ, ସାକ୍ଷୀଗୋପାଳ ଚଳଚଞ୍ଚଳ**



ପଲ୍ଲିଶ୍ରୀ ମେଳା ଓ ଶ୍ରୀରାଧା ଉତ୍ସବକୁ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଉଦ୍‌ଘାଟନ କରୁଛନ୍ତି ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୯।୧୧।୨୦୨୪

| ୭,୩୮,୬୦୬ ଟଙ୍କା | |
|---|---|
| ସୁନା | ୧୭.୪୦୦ ଗ୍ରାମ୍ |
| ରୁପା | ୫୮.୭୫୦ ଗ୍ରାମ୍ |

**ସଂକ୍ଷେପରେ**

## ଜଣ୍ଡିସ୍ ରୋଗରେ ବାଳାଶ୍ରମର ୪ ଶିଶୁ ଆକ୍ରାନ୍ତ

କଣାସ,୯।୧୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ଦୟାବିହାରଠାରେ ପ୍ରତିଷ୍ଠିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ବାଳାଶ୍ରମ ଓ ଶିଶୁଗୃହରେ ୪ଜଣ ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ବାଳାଶ୍ରମର ଆହୁତି ସ୍ୱାଇଁ (୧୧) ଓ ବିଜୟଲକ୍ଷ୍ମୀ ମହାପାତ୍ର (୬) ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ଶିଶୁଗୃହର ଆଉ ୨ଜଣ କୋମଳମତି ପିଲା ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହୋଇଥିବା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଡ. ବେହେରା ଖବରପାଇବା ପରେ ଅନୁଷ୍ଠାନ ପରିସରକୁ ଯାଇ ଜଣ୍ଡିସ୍‌ରେ ଆକ୍ରାନ୍ତ ପିଲାମାନଙ୍କୁ ଦେଖି ଚିକିତ୍ସା କରିବା ସହିତ କେଉଁ କାରଣରୁ ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହେଲେ ତାହା ନିରୀକ୍ଷଣ କରୁଥିବା କହିଛନ୍ତି। ପାନୀୟଜଳ ସମସ୍ୟାକୁ ନେଇ ଜଣ୍ଡିସ୍ ବ୍ୟାପିଥିବା ଆଶଙ୍କା କରି ପାନୀୟଜଳ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରି ପଠାଇଛନ୍ତି।

## ଗାଁ ରାସ୍ତା ବାରମ୍ବାର ଖନନ ଯୋଗୁ ବଢ଼ୁଛି ଦୁର୍ଘଟଣା

କଣାସ,୯।୧୧(ବିଭୂତି ଭୂଷଣ ତ୍ରିପାଠୀ)

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତ୍ୟେକ ଗ୍ରାମକୁ ପାନୀୟଜଳ ଯୋଗାଇଦେବା ପାଇଁ ପୁରୀ ଜିଲାର ବିଭିନ୍ନ ବ୍ଲକରେ ମେଗା ପାନୀୟଜଳ ପ୍ରକଳ୍ପମାନ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। କଣାସ ବ୍ଲକ ସୀମାନ୍ତବର୍ତ୍ତୀ ଡିମିରିସେଣା ପଞ୍ଚାୟତର ଅଇନିପୁର ଗ୍ରାମରେ ପାଇପ୍ ପକାଇବା ପାଇଁ ଗାଁଦାଣ୍ଡ ଦୀର୍ଘ ୧ବର୍ଷରୁ ଊର୍ଦ୍ଧ୍ୱ ହେବ ଖୋଳାଯାଇଥିଲେ ମଧ୍ୟ ରାସ୍ତା ମରାମତି ହୋଇ ନ ଥିବାରୁ ଗ୍ରାମବାସୀ ବାରମ୍ବାର ଦୁର୍ଘଟଣାର ଶିକାର ହେଉଛନ୍ତି। ଗ୍ରାମବାସୀ ଗାଁ ଦାଣ୍ଡ ମରାମତି ପାଇଁ ବାରମ୍ବାର ବିଡିଓ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ ନିକଟରେ ଦାବି କରିଆସୁଥିଲେ ମଧ୍ୟ କୌଣସି ସ୍ଥାୟୀ ପ୍ରତିକାର କରାଯାଉ ନ ଥିବାରୁ ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଗୋବର୍ଦ୍ଧନ ପୀଠ ଗୋଶାଳାରେ ଗୋଷ୍ଠାଷ୍ଟମୀ ପାଳିତ



ପୁରୀ,୯।୧୧(ଅଜିତ୍ କୁମାର ମହାନ୍ତି)

ଗୋବର୍ଦ୍ଧନ ପୀଠ ଗୋଶାଳା ପରିସରରେ ଗୋଷ୍ଠାଷ୍ଟମୀ ଉତ୍ସବ ପବିତ୍ର କାର୍ତ୍ତିକ ଶୁକ୍ଳ ଅଷ୍ଟମୀ ତିଥି ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ପାରମ୍ପରିକ ଗୋପୂଜନ ଓ ଯଜ୍ଞ କରାଯାଇଥିଲା। ହୋମ ଯଜ୍ଞ ପରେ ସଂକୀର୍ତ୍ତନ ମଣ୍ଡଳୀ କୀର୍ତ୍ତନ ପରିବେଷଣ କରିଥିଲେ। ଏଥିସହ ଗୋମାତାଙ୍କ ପୂଜା କରିବା ସହିତ ଗୋମାତାଙ୍କୁ ଖାଇବାକୁ ଦେଇଥିଲେ। ଏହି ଅବସରରେ ଗୋଶାଳାରେ ଥିବା ସମସ୍ତ ଗୋମାତାଙ୍କର ପ୍ରତ୍ୟୁଷରେ ସ୍ନାନ କରାଯାଇ ଗୋପୂଜନ କରାଯାଇଥିଲା। ସାଧୁସନ୍ଥମାନେ ଉପସ୍ଥିତ ରହି ଗୋମାତାଙ୍କୁ ଗୋପିଣ୍ଡୁଳା, ଗୋଖାଦ୍ୟ ଓ ଫଳମୂଳ ଖାଇବାକୁ ଦେବା ସହ ଗୋମାତାଙ୍କୁ ପୂଜନ ଓ ଆଳତି କରିଥିଲେ। ଗୋପୂଜନ ସମୟରେ ପୀଠର ସମସ୍ତ କର୍ମକର୍ତ୍ତା, ଆଦିତ୍ୟ ବାହିନୀର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ଅନ୍ତେବାସୀଙ୍କ ସହ ଅନ୍ୟମାନେ ଗୋମାତାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସେହିପରି ପୁରୀ ସହରରେ ଥିବା ବିଭିନ୍ନ ଗୋଶାଳାରେ ଗୋଷ୍ଠାଷ୍ଟମୀ ପାଳିତ ହୋଇଛି।

# ସୁରଭି ଗୋସେବା କେନ୍ଦ୍ର ପ୍ରତିଷ୍ଠା

ପୁରୀ,୯।୧୧(ଅଜିତ୍ କୁମାର ମହାନ୍ତି)

ପବିତ୍ର ଗୋଷ୍ଠାଷ୍ଟମୀ ଉପଲକ୍ଷେ ଗୋମାତାଙ୍କ ପୁରୀ ମେରାଇନ୍ ଡ୍ରାଇଭ ରୋଡ୍ ନିକଟବର୍ତ୍ତୀ ନାଗାପାଟଣାଠାରେ ନବଯୁବକମାନଙ୍କର ମିଳିତ ପ୍ରୟାସରେ ଗୋମାତାଙ୍କ ସେବା ଉଦ୍ଦେଶ୍ୟରେ 'ସୁରଭି ଗୋସେବା କେନ୍ଦ୍ର' ପ୍ରତିଷ୍ଠା କରାଯାଇଛି। ଉକ୍ତ କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗୋମାତାଙ୍କର ସେବାକାର୍ଯ୍ୟ ଓ ଅବହେଳିତ ଗୋମାତାଙ୍କର ରକ୍ଷଣ। ଅନୁଷ୍ଠାନର ପ୍ରତିଷ୍ଠା ଉତ୍ସବ ପୂର୍ବରୁ ଦୀର୍ଘ ୧୦୦ ଦିନର ଖାଦ୍ୟ ଅଭିଯାନ ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ ୮୦ରୁ ଊର୍ଦ୍ଧ୍ୱ ଦୁର୍ଘଟଣାଗ୍ରସ୍ତ ଗୋମାତାଙ୍କର ଉଦ୍ଧାର ଓ ସେବା କାର୍ଯ୍ୟ ଚାଲୁରହିଛି। ଅନୁଷ୍ଠାନର ପ୍ରତିଷ୍ଠାତା ରୋସନ୍ କୁମାର ନାୟକ, ଅନୁଷ୍ଠାନର ପ୍ରମୁଖ ଦିଗ୍‌ଦର୍ଶନ ପଟ୍ଟନାୟକ, ନୀତିନ, ବିକାଶ, ରଞ୍ଜନ, ଆୟୁଷ୍ମାନ, ଅଂଶୁମାନ, ରିତିକ୍, ପ୍ରଭୁ, ଚନ୍ଦନ, ବିନାୟକ, ଆୟୁଷ, ଶୁଭଶ୍ରୀ ଏବଂ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ 'ସୁରଭି ଗୋସେବା କେନ୍ଦ୍ର'ର ଭବ୍ୟ ପ୍ରତିଷ୍ଠା ଉତ୍ସବ ସୁରୁଖୁରୁରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ରୋସନ୍ କୁମାର ନାୟକ ଏବଂ ଦିଗ୍‌ଦର୍ଶନ ପଟ୍ଟନାୟକ ଏହିପରି ଆଗକୁ ଅନେକ ଗୋମାତାଙ୍କର ସେବା ଏବଂ ଦୁର୍ଘଟଣାଗ୍ରସ୍ତ ଗୋମାତାଙ୍କର ଉଦ୍ଧାର କରିବାକୁ ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି।

# ସୁସ୍ଥ ଶୈକ୍ଷିକ ପରିବେଶ ନିର୍ମାଣ ପାଇଁ ଆହ୍ୱାନ




ସମ୍ମିଳନୀରେ ଉପସ୍ଥିତ ନୂତନ ପେନ୍‌ସନଭୁକ୍ତ ଶିକ୍ଷକ ।

କୋଣାର୍କ/ଯୋଗେଶ୍ୱରପୁର,୯।୧୧ (ଜ୍ୟୋତିରାଜ ମହାନ୍ତି/ରଶ୍ମିରଞ୍ଜନ ସାହୁ)

**ନୂତନ ପେନ୍‌ସନଭୁକ୍ତ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ**

ପ୍ରାଚୀନ ଗୁରୁକୁଳ ଆଶ୍ରମ ତୁଳନାରେ ସମ୍ପ୍ରତି ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ହୋଇଛି। ଶିକ୍ଷାୟତନଗୁଡ଼ିକର ଭୌତିକ ଭିତ୍ତିଭୂମିର ବିକାଶ ଘଟିଛି। ମାତ୍ର ସମାଜ ବ୍ୟବସ୍ଥାର ପ୍ରତ୍ୟେକସ୍ତରରେ ନୈତିକତାର ହ୍ରାସ ଯୋଗୁ ସୁସ୍ଥ ଶୈକ୍ଷିକ ପରିବେଶ ନିର୍ମାଣ ଶିକ୍ଷକଙ୍କ ପାଇଁ ଏକ ବଡ଼ ଆହ୍ୱାନ ରୂପେ ଉଭା ହୋଇଛି। ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଶିକ୍ଷକସମାଜ ନିଜର ସ୍ୱାଭିମାନର ସୁରକ୍ଷା ନିମନ୍ତେ ସଂଘର୍ଷର ସମ୍ମୁଖୀନ ହୋଇଥିବା ଶିକ୍ଷାବିତ୍ ରମେଶ ଚନ୍ଦ୍ର ପଣ୍ଡା ଓ ସାମାଜିକ କର୍ମୀ ଉମେଶ ଚନ୍ଦ୍ର ସ୍ୱାଇଁ ମତବ୍ୟକ୍ତ କରିଛନ୍ତି।

କୋଣାର୍କସ୍ଥିତ ଅର୍କଶ୍ରୀ ଶିଳ୍ପୀବାଟିକା ପରିସରରେ ଗୋପ ବ୍ଲକ ନୂତନ ପେନ୍‌ସନ ଯୋଜନା ଅନ୍ତର୍ଭୁକ୍ତ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ଶନିବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ' ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଶିକ୍ଷାବିତ୍ ରମେଶ ଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଉମେଶ ଚନ୍ଦ୍ର ସ୍ୱାଇଁ ଏବଂ ସମ୍ମାନିତ ଅତିଥି ରୂପେ ପୁରୀ ଜିଲା ପ୍ରାଥମିକ ୟୁନିୟନର ସାଧାରଣ ସମ୍ପାଦକ ଶିବଦତ୍ତ ନାୟକ, ଶିକ୍ଷାବିତ୍ ସୁଶାନ୍ତ କୁମାର ନାୟକ, ସତ୍ୟନାରାୟଣ ସାହୁ, ପ୍ରବାସିନୀ ମିଶ୍ର ଓ ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ସଭାପତି ପବିତ୍ର କୁମାର ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ସମ୍ପାଦକ ସରୋଜ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସାମ୍ବିଧାନିକ ସମ୍ମିଳନୀରେ ସର୍ବସମ୍ମତିକ୍ରମେ ଗୋପ ବ୍ଲକ ଏନ୍‌ପିଏସ୍ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ମନୋନୟନ ହୋଇଥିଲା। ଏଥିରେ ସଭାପତି ଭାବେ ଶିକ୍ଷକ ଜଳନ୍ଧର ବେହେରା, କାର୍ଯ୍ୟକାରୀ ସଭାପତି ସୁଚରିତା ପାତ୍ର, ଉପସଭାପତି ମଣ୍ଡଳୀରେ ଦୁଃଶାସନ ଦଳାଇ, ଗଙ୍ଗାଧର ରାଉତ, ମାମିନା ବରାଳ ଓ ନୁରୁଲ ଇସ୍‌ଲାମ, ସାଧାରଣ ସମ୍ପାଦକ ରୂପେ ସନ୍ତୋଷ କୁମାର ବିଶ୍ୱାଳ, ସଙ୍ଗଠନ ସମ୍ପାଦକ ରୂପେ ସଦାଶିବ ବେହେରା, ସହ-ସମ୍ପାଦକ ମଣ୍ଡଳୀରେ ପ୍ରଭାକର ମଲ୍ଲିକ, ନିରଞ୍ଜନ ସ୍ୱାଇଁ, ପ୍ରିୟମ୍ବଦା ପାତ୍ର ଓ ମଲ୍ଲିକ ଅଖତର ହୁସେନ, କୋଷାଧ୍ୟକ୍ଷ ରୂପେ ବିକ୍ରମ କେଶରୀ ରାଉତରାୟ, ଗଣମାଧ୍ୟମ ସଂଯୋଜକ ରୂପେ ତାପସ ନାୟକ ଓ ଅଡିଟର୍ ଭାବେ ସୁରଜିତ ସାହୁଙ୍କୁ ମନୋନୀତ କରାଯାଇଛି। ସମସ୍ତ ନୂତନ କର୍ମକର୍ତ୍ତା ପଦ ଓ ଗୋପନୀୟତାର ଶପଥପାଠ କରିଛନ୍ତି। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ପ୍ରଫୁଲ୍ଲ କୁମାର ସେଠୀ, ସୁଶାନ୍ତ ବେହେରା, ଶ୍ୟାମସୁନ୍ଦର ସାହୁ, ସିଆର୍‌ସିସି ସମରେନ୍ଦ୍ର ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ।

## ଗୋଟିଏ ରାତିରେ ୨ ଦୋକାନରୁ ଚୋରି ପାଟ୍ରୋଲିଂ ନାହିଁ, ବଢ଼ୁଛି ଚୋରି

ଗୋପ,୯।୧୧(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବଜାରରେ ସାର ଦୋକାନ କରିଥିବା ସୁଶାନ୍ତ କୁମାର ସାହୁ, ତେଜରାତି ଦୋକାନ କରିଥିବା ଗଣେଶ ଚନ୍ଦ୍ର ସାହୁଙ୍କ ଦୋକାନରୁ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ଗଣେଶ ଚନ୍ଦ୍ର ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ୧ ମାସ ମଧ୍ୟରେ ଗୋପ ଥାନା ଅଧୀନ ୨ ଗୋଟି ମନ୍ଦିର ସହିତ ଆଉ କେତେକ ସ୍ଥାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଥିବାବେଳେ ପୋଲିସ ଏ ପର୍ଯ୍ୟନ୍ତ କାହାରିକୁ ଗିରଫ କରିପାରିନାହିଁ। ଶୁକ୍ରବାର ବିଳମ୍ବିତ ରାତ୍ରିରେ ଗୋପ ବଜାର ଛକ ପୋଲିସ ପାଟ୍ରୋଲିଂ ପୋଷ୍ଟ ସମ୍ମୁଖରେ ଥିବା ଏହି ୨ ଦୋକାନର ଆଜ୍‌ବେଷ୍ଟସ ଭାଙ୍ଗି ଦୁର୍ବୃତ୍ତ ପ୍ରାୟ ନଗଦ ୩୦/୪୦ ହଜାର ଟଙ୍କା ସହିତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଗୋପ ଥାନା ଅଞ୍ଚଳରେ ବେଆଇନ ନିଶା କାରବାର ସହିତ ପୋଲିସ ପାଟ୍ରୋଲିଂ ଅଭାବ ଯୋଗୁ ଚୋରି କ୍ରମଶଃ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରୀଙ୍କୁ ପଚାରିବାରେ ତଦନ୍ତ ହେଉଥିବା କହିଥିଲେ।

# ୨୨ରେ ନିଆଳିରୁ ଶ୍ରୀମନ୍ଦିର ଯିବ ପଢ଼ୁଆଁ ଭାର

ଚାରିଛକ,୯।୧୧(ଶିଶିର ସ୍ୱାଇଁ)

ମାର୍ଗଶିର କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପଢ଼ୁଆଁ ଅଷ୍ଟମୀ ପାଳନ କରାଯାଏ। ଆମ ଓଡ଼ିଆ ଜାତିର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ରରେ ମାନବୀୟ ଲୀଳା କରୁଥିବାରୁ ଶ୍ରୀମନ୍ଦିରରେ ବି ପଢ଼ୁଆଁ ଅଷ୍ଟମୀ ପର୍ବ ସ୍ୱତନ୍ତ୍ର ଭାବେ ପାଳିତ ହୋଇଥାଏ। ପ୍ରାଚୀ ଉପତ୍ୟକା ନିଆଳି ମାଧବ ମନ୍ଦିର ଜଗନ୍ନାଥଙ୍କ ମାମୁଘର ବୋଲି ଲୋକ କଥା ରହିଛି। ସେହି ପ୍ରଥାକୁ ବଞ୍ଚାଇ ରଖିବାକୁ ମାଧବ ମନ୍ଦିରରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଇଁ ନବବସ୍ତ୍ର, ତୁଳସୀ, ଫୁଲ ଫଳ ଓ ଖଣ୍ଡୁଆ ପାଟ ଯିବ। ଛତିଶା ନିଯୋଗ ସେବକ ସଂଘ ପକ୍ଷରୁ ଏହି ପଢ଼ୁଆଁ ଭାର ସହିତ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ, ବାଡ଼ିଖେଳ, ନାଗା ନାଚ ସମେତ ଯାଦବ ସଂଘ ପକ୍ଷରୁ ଲଉଡ଼ି ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କଠାରୁ ପ୍ରକାଶ। ବହୁ ଭକ୍ତଙ୍କ ସମାଗମ ହେବା ଆଶଙ୍କା ଥିବାରୁ ନିଆଳି ଓ ଚାରିଛକ ଥାନାକୁ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଭକ୍ତ ଯୋଗ ଦେବାକୁ ମାଧବାନନ୍ଦ ଜୀଉ ମନ୍ଦିର ହେଡଟାରୀ ଟ୍ରଷ୍ଟି ପ୍ରଶାନ୍ତ କୁମାର ଦେବ ଗୋସ୍ୱାମୀ ଅନୁରୋଧ କରିଛନ୍ତି। ମନ୍ଦିର ପରିସରରେ ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନ୍ୟାୟବ୍ରତ ରାଉତ, ତ୍ରିଲୋଚନ ପୁଷ୍ପାଳକ, ପୂଜକ ଅଶୋକ ପୁଷ୍ପାଳକ, ମାଧବ ସରପଞ୍ଚ ବାବୁରାମ ମଲ୍ଲିକଙ୍କ ସମେତ ସ୍ଥାନୀୟ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ। ୨୨ ତାରିଖ ପ୍ରାତଃରୁ ମାଧବାନନ୍ଦ ମନ୍ଦିରରୁ ସଙ୍କୀର୍ତ୍ତନ ମଣ୍ଡଳୀ ସହ ଏହି ଯାତ୍ରା ଆରମ୍ଭ ହେବ ବୋଲି ହେଡଟାରୀ ଟ୍ରଷ୍ଟି ପ୍ରଶାନ୍ତ କୁମାର ଦେବ ଗୋସ୍ୱାମୀ ସୂଚନା ଦେଇଛନ୍ତି।

# ତୃତୀୟ ତବଲା ସୋଲ ମହୋତ୍ସବ

ପୁରୀ,୯।୧୧(ଅଜିତ୍ କୁମାର ମହାନ୍ତି)

ଲିଙ୍ଗରାଜ କଳା ନିକେତନ ଦ୍ୱାରା ଆୟୋଜିତ ତୃତୀୟ ତବଲା ସୋଲ ମହୋତ୍ସବ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୁରୀ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ମିଶ୍ର, ଶ୍ରୀମନ୍ଦିର ବରିଷ୍ଠ ସେବାୟତ ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ, ବିଶିଷ୍ଟ ସାମାଜିକ କର୍ମୀ ଦେବୀପ୍ରସାଦ କର, ଜିଲା ବିଜୁ ଯୁବ ଜନତା ଦଳ ସମ୍ପାଦିକା ରୋଜାଲିନ ନାୟକ, ଉପାଧ୍ୟକ୍ଷ ଲୋକନାଥ ମିଶ୍ର ଏବଂ ଅନୁଷ୍ଠାନର ସଭାପତି ତଥା ପ୍ରତିଷ୍ଠାତା ଗୁରୁ ଧବଳେଶ୍ୱର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ଗୁରୁ ପ୍ରକାଶ କୁମାର ରଥଙ୍କ ନିର୍ଦ୍ଦେଶନାରେ ଛାତ୍ରୀ ସ୍ୱାଗତିକା ସ୍ୱାଇଁ, ଶୁଭସ୍ମିତା ପ୍ରିୟଦର୍ଶିନୀ, ଚିରଶ୍ରଦ୍ଧା ମହାନ୍ତି, ସୋନି ବେହେରା, ସୁପ୍ରିୟା ପଲେଇ, ଭାଗ୍ୟଲକ୍ଷ୍ମୀ ଜେନା, ଈପ୍ସିତା ମିଶ୍ରଙ୍କ ଦ୍ୱାରା ସମବେତ ଭାବରେ ଗୀତଗୋବିନ୍ଦ ଗାନ କରାଯାଇଥିଲା। ପରେ ପରେ ସଭା କାର୍ଯ୍ୟ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କଲିକତାର ଜାତୀୟ ସ୍ତରୀୟ ତବଲା ଗୁରୁ ଅବିର ମୁଖାର୍ଜୀ, ସନ୍ତୁର ବାଦିକା ହିନ୍ଦୋଲି ବାନାର୍ଜୀ, ମୋହନ ବୀଣା ବାଦକ ରତନ ଭାରତୀ, ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଗୁରୁ ମନୋଜ କୁମାର ପ୍ରଧାନ, ଜାତୀୟସ୍ତରୀୟ ନୃତ୍ୟଶିଳ୍ପୀ ସିପ୍ରା ମିଶ୍ରଙ୍କୁ 'ପଣ୍ଡିତ ରାଜକିଶୋର ମିଶ୍ର ସ୍ମୃତି ମେମୋରିଆଲ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ତବଲା ଗୁରୁ ସାରଦା ପ୍ରସନ୍ନ ମିଶ୍ର ଏବଂ ଦିଲୀପ କୁମାର ପାଣିଙ୍କ ନିର୍ଦ୍ଦେଶନାରେ ତବଲା ବାଦନ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଅନୁଷ୍ଠାନର ସମ୍ପାଦକ ତଥା ବିଶିଷ୍ଟ ମର୍ଦ୍ଦଳ ଗୁରୁ ଜଗନ୍ନାଥ ମିଶ୍ର ଏବଂ ଦିଲୀପ ପଣ୍ଡା, ଉଦ୍‌ଘୋଷକ ଗଣେଶ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଶିଶୁ କଳାକାରମାନେ ତବଲା ବାଦନ କରୁଛନ୍ତି ।

# ସାମ୍ବାଦିକଙ୍କ ପାଇଁ ସୁରକ୍ଷା, ପେନ୍‌ସନ କରାଯାଉ

**ଜାତୀୟ ମିଡିଆ ଫାଉଣ୍ଡେଶନ ପକ୍ଷରୁ ୨୧ତମ ଜାତୀୟ ସମ୍ମିଳନୀ**

ପୁରୀ,୯।୧୧(ଅଜିତ୍ କୁମାର ମହାନ୍ତି)




ଜାତୀୟ ସମ୍ମିଳନୀରେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କ ସମେତ ଅନ୍ୟ ଅତିଥିମାନେ ।

ଜାତୀୟ ମିଡିଆ ଫାଉଣ୍ଡେଶନ ପକ୍ଷରୁ ୨୧ତମ ଜାତୀୟ କନକ୍ଲେଭ ଓ ପୁରସ୍କାର ସମାରୋହ ଶନିବାର ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ସଭାପତି ରଶ୍ମିରଞ୍ଜନ ଦାଶଙ୍କ ସଭାପତିତ୍ୱ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ଜୀବନକୁ ବିପନ୍ନ କରି ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟରତ ଖବରଦାତାଙ୍କ ସୁରକ୍ଷା ଓ ତାଙ୍କ ପରିବାର ପାଇଁ ସରକାର ଆଦୌ ଚିନ୍ତିତ ନୁହନ୍ତି। ସମସ୍ତ ସାମ୍ବାଦିକଙ୍କ ସୁରକ୍ଷା, ପେନ୍‌ସନ ଓ ବୀମାଭୁକ୍ତ ଏବଂ ବୀମାରାଶି ବୃଦ୍ଧିର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଫାଉଣ୍ଡେଶନର ଜାତୀୟ ସଭାପତି ରାଜେନ୍ଦ୍ର ଜୈନ, ଗଣମାଧ୍ୟମର ଜାତୀୟ ବ୍ୟକ୍ତିତ୍ୱ ଓମ୍ ପ୍ରକାଶ ଯାଦବ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବରିଷ୍ଠ ସ୍ତମ୍ଭକାର ବଦ୍ରି ମିଶ୍ର, ଗୋପବନ୍ଧୁ ମଲ୍ଲିକ, ସମୀର ସିଂ ଅତିଥି ଭାବେ ଯୋଗଦେଇଥିଲେ।

ଏହି ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତି ପାଇଁ ପ୍ରଶାନ୍ତ କୁମାର ଆଚାର୍ଯ୍ୟଙ୍କୁ ସନ୍ଥ ସମ୍ମାନ, ବରିଷ୍ଠ ଖବରଦାତା ପ୍ରଶାନ୍ତ ପଟ୍ଟନାୟକଙ୍କୁ ଜୀବନବ୍ୟାପୀ ସାଧନା, ଶ୍ରୀଜଗନ୍ନାଥ ସେବା ଓ ସମର୍ପଣ ପାଇଁ ମଧୁସୂଦନ ସିଂହାରୀ, ପୂର୍ଣ୍ଣ ଦାସ, ଟିଣ୍ଟୁ ବାବା, ଆଜିର ରେବତୀ ଚଳଚ୍ଚିତ୍ର ପାଇଁ ପ୍ରଯୋଜକ ରମେଶ ବାରିକ ଓ ନାୟିକା ଶୀତଲ୍, ଖୋକାଭାଇ-ଡ୍ରମ ପାଇଁ ନିମନ୍ତେ ଗିରିଶ ମହାନ୍ତି ଓ ଶୁଭେନ୍ଦୁ ସାହୁ, ଚଳଚ୍ଚିତ୍ର ଓ ମିଡିଆ ବିକାଶ ପାଇଁ ଶ୍ୟାମାପ୍ରସାଦ ମିଶ୍ର, ଉଦ୍‌ଘୋଷଣା ଓ ଶିକ୍ଷା ବିକାଶ ପାଇଁ ଅଧ୍ୟାପକ ବିଶ୍ୱନାଥ ମିଶ୍ର, ଶିଳ୍ପ ସୁରକ୍ଷା ପାଇଁ ନୃସିଂହ ବିଶ୍ୱାଳ, ହୋଟେଲ ଶିଳ୍ପ ବିକାଶ ପାଇଁ ରବିଶଙ୍କର ପ୍ରତିହାରୀ ପ୍ରମୁଖଙ୍କୁ ଜାତୀୟ ମିଡିଆ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଖବରଦାତାଙ୍କ ସମସ୍ୟା ଓ ବିକାଶ ସମ୍ପର୍କିତ ଆଲୋଚନାଚକ୍ରରେ ଖବରଦାତା ଜଗନ୍ନାଥ ବସ୍ତିଆ, ନିରଞ୍ଜନ ମିଶ୍ର, ସୁମନ୍ତ ପରିଡ଼ା, ଅଜିତ୍ ମହାନ୍ତି, ରାଜଶ୍ରୀ ସାହୁ, ବିଶାଲ ମହାନ୍ତି, ଦୀପକ ମହାରଣା, ବିଷ୍ଣୁଦତ୍ତ ଦାସ, ହେମନ୍ତ ନାୟକ ଓ ଗୋପାଳ ତିୱାରୀ ପ୍ରମୁଖ ଯୋଗଦେଇ ଓଡ଼ିଶାରେ ଖବରଦାତାଙ୍କ ପ୍ରତି ସରକାର ତଥା ପ୍ରଶାସନର ଅବହେଳା ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଫାଉଣ୍ଡେଶନ ଓଡ଼ିଶା ଚାପ୍ଟର ପକ୍ଷରୁ ମୁଖପତ୍ର 'ଦି ଜର୍ନାଲିଷ୍ଟ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉତ୍ସବ କମିଟି ଅଧ୍ୟକ୍ଷ ମଧୁସୂଦନ ମିଶ୍ର ଓ ଅଧ୍ୟାପକ ସଞ୍ଚାଳନ କରିଥିଲେ। ପରେ ପରେ ରଘୁରାଜପୁରର ଦଶଭୁଜା ଗୋଟିପୁଅ ନୃତ୍ୟ ଓ କିଶୋର କୁମାର ନାଇଟ୍ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ରାଜେନ୍ଦ୍ର ମିଶ୍ର ଏବଂ ଗୋବିନ୍ଦ ପାତ୍ର କିଶୋର କୁମାରଙ୍କ ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୌମ୍ୟରଞ୍ଜନ ପାତ୍ର, ଗଙ୍ଗା ନାରାୟଣ ନନ୍ଦ, ରଞ୍ଜନ ସାହୁ, ଶିବରାମ ପ୍ରଧାନ, ଜ୍ୟୋତିପ୍ରକାଶ ମହାପାତ୍ର, କେଦାରନାଥ ମହାପାତ୍ର, ମାନସ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ରେଳଧାରଣା ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଜବତ

ଭୁବନେଶ୍ୱର,୯।୧୧(ସୂର୍ଯ୍ୟକାନ୍ତ ବେହେରା)– ବାଣୀବିହାର ଷ୍ଟେଶନ ନିକଟସ୍ଥ ରେଳ ଧାରଣା ପାର୍ଶ୍ୱରୁ ଜଣେ ଯୁବକଙ୍କ ମୃତଦେହ ମିଳିଛି। ମୃତ ଯୁବକଙ୍କ ପରିଚୟ ଜଣାପଡ଼ି ନ ଥିବା ବେଳେ ବୟସ ୩୦ରୁ ୩୨ ମଧ୍ୟରେ ହେବ। ଖବରପାଇ ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ଶବ ସଂରକ୍ଷଣ ଗୃହରେ ରଖି ପରିଚୟ ଜାଣିବାକୁ ଉଦ୍ୟମ ଚଳାଇଛି। ଅନ୍ୟପଟେ ରେଳଧାରଣା ପାର କିମ୍ବା କେହି ହତ୍ୟା ପରେ ଦୁର୍ଘଟଣାର ରୂପ ଦେବାକୁ ଯୁବକଙ୍କ ମରଶରୀରକୁ ପକାଇଦେଇଥିବା କୁହାଯାଉଛି।

### 'ଜାତୀୟ ପରିଚୟ ସାହିତ୍ୟ ମହୋତ୍ସବ' ଉଦ୍‌ଯାପିତ

ଭୁବନେଶ୍ୱର,୯।୧୧ (ବନ୍ଦନା ସେଠୀ)– ପ୍ରୟାସ ଅନୁଷ୍ଠାନ ପକ୍ଷରୁ ବୁଦ୍ଧ ମନ୍ଦିର ପରିସରରେ ଦୁଇଦିନ ଧରି ଚାଲିଥିବା 'ଜାତୀୟ ପରିଚୟ ସାହିତ୍ୟ ମହୋତ୍ସବ' ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ ଓ ଅନ୍ୟତମ ଅତିଥି ଭାବେ ପ୍ରୟାସ ଅନୁଷ୍ଠାନର ଅଧ୍ୟକ୍ଷ ପୂର୍ବତନ ବିଧାୟକ ତଥା ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର ଯୋଗଦେଇଥିଲେ। ଭାଜପା ନେତା ଜଗନ୍ନାଥ ପ୍ରଧାନ ମହୋତ୍ସବର ବିଭିନ୍ନ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଏଥିସହ ଏଭଳି କାର୍ଯ୍ୟକ୍ରମ ନିମନ୍ତେ ବ୍ୟକ୍ତିଗତ ଭାବରେ ଅନୁଷ୍ଠାନକୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ ନିମନ୍ତେ ଘୋଷଣା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଡ. ରୋଜାଲିନ ପାଟ୍ଟସାଣୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

### ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଶାଢ଼ି ପୋଡ଼ିଗଲା

ଭୁବନେଶ୍ୱର,୯।୧୧ (ବନ୍ଦନା ସେଠୀ)– ଭୁବନେଶ୍ୱର ବଡ଼ଗଡ଼ ବ୍ରିଟ୍ କଲୋନୀସ୍ଥିତ ସରୋଜ କୁମାର ସାହୁଙ୍କ ବାସଭବନରେ ଶନିବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଆସବାବପତ୍ର ସହ ତାଙ୍କ ଘରେ ସମ୍ପର୍କୀୟ ଭାଇ ରଖିଥିବା ପ୍ରାୟ ୨୫ ଲକ୍ଷ ଟଙ୍କାର ଶାଢ଼ି ପୋଡ଼ି ନଷ୍ଟ ହୋଇଯାଇଛି। ସକାଳ ପ୍ରାୟ ୯ଟାରେ ଘର ଭିତରୁ ପ୍ରଥମେ ଧୂଆଁ ବାହାରିବା ସହ ହଠାତ୍ ହୁତୁହୁତୁ ହୋଇ ଜଳି ଉଠିଥିଲା। ସ୍ଥାନୀୟ ଲୋକେ ଏନେଇ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ତେବେ ପ୍ରବଳ ଧୂଆଁ ହେଉଥିବାରୁ ନିଆଁକୁ



ଆୟତ୍ତ କରିବା ଅଗ୍ନିଶମ ବାହିନୀଙ୍କ ପାଇଁ କଷ୍ଟକର ହୋଇପଡ଼ିଥିଲା। ଖବରପାଇ ସ୍ଥାନୀୟ କର୍ପୋରେଟର ସନ୍ତୋଷ ସିଂ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସୂଚନାନୁସାରେ, ସରୋଜଙ୍କ ସମ୍ପର୍କୀୟ ପ୍ରଦୀପ କୁମାର ସାହୁଙ୍କର ୟୁନିଟ୍-୧ସ୍ଥିତ ଭୂତଳ ମାର୍କେଟରେ ଶାଢ଼ି ଦୋକାନ ରହିଛି। ଗତ ଦୀପାବଳିରେ ସେଠାରେ ନିଆଁ ଲାଗିବା ପରେ ପ୍ରଦୀପ ନିଜ ଦୋକାନରେ ଥିବା ଶାଢ଼ିଗୁଡିକୁ ସୁରକ୍ଷିତ ରଖିବା ପାଇଁ ସମ୍ପର୍କୀୟ ଭାଇ ସରୋଜଙ୍କ ଘରେ ରଖିଥିଲେ। ଶର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।

# ବିମାନ ଚାଳନାରେ ୫୦% ମହିଳାଙ୍କ ଅଂଶଗ୍ରହଣକୁ ସରକାରଙ୍କ ଗୁରୁତ୍ୱ

## ରମାଦେବୀରେ ବୃତ୍ତିଗତ ପରାମର୍ଶ କାର୍ଯ୍ୟକ୍ରମ

ଭୁବନେଶ୍ୱର,୯।୧୧
(ଅନୁରାଧା ମହାରଣା)



କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀଙ୍କ ସହ ଛାତ୍ରୀ ଓ ଅନ୍ୟମାନେ।

ବିମାନ ଚାଳନା ପାଇଁ ମହିଳାମାନଙ୍କୁ ଅଧିକ ପ୍ରୋତ୍ସାହିତ କରାଯିବ। ଏ କ୍ଷେତ୍ରରେ ୫୦ ପ୍ରତିଶତ ମହିଳାଙ୍କ ଅଂଶଗ୍ରହଣ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରକାଶ କରିଛନ୍ତି। ବିମାନ ଚାଳନା କ୍ଷେତ୍ରରେ ମହିଳାଙ୍କ ପ୍ରବେଶ ନେଇ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଆୟୋଜିତ ବୃତ୍ତିଗତ ପରାମର୍ଶ କାର୍ଯ୍ୟକ୍ରମରେ ମନ୍ତ୍ରୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଓମେନ୍ ଇନ୍ ଆଭିଏଶନ ଇଣ୍ଡିଆ (ଡବ୍ଲ୍ୟୁଏଆଇ) ସଙ୍ଗଠନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନେ ବିମାନ ଚାଳନା କ୍ଷେତ୍ରକୁ ବୃତ୍ତିଗତ ଭାବରେ ଆପଣାଇବା ପାଇଁ ଉତ୍ସାହିତ କରାଯାଇଥିଲା। ଏଥିଲାଗି ସେମାନଙ୍କ ଦକ୍ଷତା ବିକାଶ, କ୍ଷେତ୍ରୀୟ ଜ୍ଞାନ ଓ ଲିଙ୍ଗଗତ ବୈଷମ୍ୟ ଦୂରୀକରଣ ନେଇ ସଚେତନ କରାଯାଇଥିଲା। ଏହି ଅବସରରେ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ବୈମାନିକ ବୃତ୍ତି ପାଇଁ ନିର୍ଦ୍ଧାରିତ ଏକ ନିର୍ଦ୍ଦେଶ ପୁସ୍ତିକା ଉନ୍ମୋଚନକରି କହିଲେ, ବିମାନ ଚାଳନା ପାଇଁ ମହିଳାଙ୍କ ସକାଶେ ଆକାଶ ସୀମିତ ନୁହେଁ, ଏହା ଆରମ୍ଭ ମାତ୍ର। ପାରମ୍ପରିକ ଲିଙ୍ଗଗତ ବୈଷମ୍ୟ ଦୂରକରି ଏହି କ୍ଷେତ୍ରରେ ମହିଳାଙ୍କ ଅଧିକ ପ୍ରବେଶ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଡବ୍ଲ୍ୟୁଏଆଇର ସଭାପତି ରାଧିକା ଭାଟିଆଙ୍କ ସମେତ ରଶ୍ମିତା ପଣ୍ଡା, ସୋନା ମୁଦିର, ଜସ୍ମିନ୍ ପରିଛା ଓ ସୋନିଆ କପିଳା ପ୍ରମୁଖ ବୈମାନିକ ବୃତ୍ତି କ୍ଷେତ୍ରରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଏଥିସହ ଛାତ୍ରୀଙ୍କ ମଧ୍ୟରେ ଏକ ପ୍ରବନ୍ଧ ପ୍ରତିଯୋଗିତା ମଧ୍ୟ ହୋଇଥିଲା। ସୂଚନା ଥାଉକି, ଢେଙ୍କାନାଳ ଜିଲା ବିରାଶାଳଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହେଉଥିବା ବିମାନ ଚାଳନା ତାଲିମ କେନ୍ଦ୍ରକୁ କ୍ରିୟାଶୀଳ କରିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଥିବା ସୂଚନା ଦିଆଯାଇଛି।

# ସ୍ୱାସ୍ଥ୍ୟ ସୁବିଧା ସହ ସଚେତନତା ଜରୁରୀ: ଆଇନ ମନ୍ତ୍ରୀ

## 'ଓଡ଼ିଶା ହେଲ୍‌ଥ କନେକ୍ଟ ସିଜନ୍-୩' କନ୍‌କ୍ଲେଭ୍

ଭୁବନେଶ୍ୱର,୯।୧୧(ବନ୍ଦନା ସେଠୀ)

ଓଡ଼ିଶାର ଗ୍ରାମାଞ୍ଚଳରେ ମୁଖ୍ୟତଃ ୩ଟି ସ୍ୱାସ୍ଥ୍ୟ ସମସ୍ୟା ଯଥା ଉଚ୍ଚ ରକ୍ତଚାପ, ମଧୁମେହ ଓ କ୍ୟାନ୍‌ସର ଦେଖାଯାଉଛି। ଚିକିତ୍ସା ଅଭାବରୁ ବେଳେବେଳେ ଏଗୁଡିକ ପ୍ରାଣଘାତକ ସାଜନ୍ତି। ଏବେ ଗାଁ ଗହଳିରେ କାର୍ଡିଆକ୍ ଷ୍ଟ୍ରୋକ୍‌ରେ ଅଧିକ ସଂଖ୍ୟାରେ ଲୋକ ପ୍ରାଣ ହରାଉଛନ୍ତି। ଅର୍ଥାଭାବରୁ ଏ ସବୁର ଚିକିତ୍ସା ଗାଁ ଗହଳି ଲୋକଙ୍କ ପାଇଁ ଅସମ୍ଭବ ହୋଇପଡୁଛି। ସେଥିପାଇଁ କେବଳ ସ୍ୱାସ୍ଥ୍ୟ ସୁବିଧା ଦେଲେ ହେବନି, ସ୍ୱାସ୍ଥ୍ୟ ସଚେତନତା ମଧ୍ୟ ଜରୁରୀ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଅର୍ଗସ ନ୍ୟୁଜ୍ ପକ୍ଷରୁ ଆୟୋଜିତ 'ଓଡ଼ିଶା ହେଲ୍‌ଥ କନେକ୍ଟ ସିଜନ୍-୩' କନ୍‌କ୍ଲେଭ୍‌ରେ ଯୋଗଦେଇ ମନ୍ତ୍ରୀ କହିଲେ, ୨୦୩୬ରେ ଯୁବକଙ୍କ ତୁଳନାରେ ବୟସ୍କଙ୍କ ସଂଖ୍ୟା ଅଧିକ ହେବ। ସେ ସମୟରେ ଜେରିଆଟ୍ରିକ ଟ୍ରିଟ୍‌ମେଣ୍ଟ ଆମ ପାଇଁ ଏକ ବଡ଼ ସମସ୍ୟା ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି ଏସ. ଓ ଆଇସିଏମ୍‌ଆର୍‌ର ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବାତ୍ୟା 'ଦାନା' ସମୟରେ କର୍ତ୍ତବ୍ୟବୋଧତାର ପରିଚୟ ଦେଇଥିବା କେନ୍ଦ୍ରାପଡ଼ାର ଆଶାକର୍ମୀ ଶିବାନୀ ମଣ୍ଡଳ ଓ ଆମ୍ବୁଲାନ୍ସ ଡ୍ରାଇଭର ମାନସ ମଲ୍ଲିକଙ୍କୁ 'ସ୍ୱାସ୍ଥ୍ୟମିତ୍ର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ନିର୍ଦ୍ଦେଶକ ଡା. ଶକ୍ତିମୟ ମହାପାତ୍ର, ଅଶ୍ୱିନୀ ଗ୍ରୁପ୍ ଅଫ୍ ହସ୍ପିଟାଲ୍‌ସର ନିର୍ଦ୍ଦେଶକ ଡା. ସୁବ୍ରତ ଜେନା, ପତଞ୍ଜଳି ଯୋଗପୀଠର ରାଜ୍ୟ ମୁଖ୍ୟ ସୁଧାଂଶୁ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅର୍ଗସର ମୁଖ୍ୟ ସମ୍ପାଦକ ସଞ୍ଜୟ ଜେନା ସ୍ୱାଗତ ଅଭିଭାଷଣ ରଖିଥିବାବେଳେ ସିଇଓ ପ୍ରକାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




'ଓଡ଼ିଶା ହେଲ୍‌ଥ କନେକ୍ଟ ସିଜନ୍-୩' କନ୍‌କ୍ଲେଭ୍‌ରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଅନ୍ୟ ଅତିଥି।

# ଗୁରୁ ଚପଳା ମିଶ୍ର, ମୁକ୍ତିଲତା ପାଲଙ୍କୁ 'ଆଦିଗୁରୁ ପଙ୍କଜ ଚରଣ ଦାସ ସମ୍ମାନ'



କୃତୀ ନୃତ୍ୟଶିଳ୍ପୀଙ୍କ ସହ 'ଆଦିଗୁରୁ ପଙ୍କଜ ଚରଣ ଦାସ ସମ୍ମାନ'ରେ ସମ୍ମାନିତା ଗୁରୁ ଚପଳା ମିଶ୍ର ଓ ଗୁରୁ ମୁକ୍ତିଲତା ପାଲ।

ଭୁବନେଶ୍ୱର,୯।୧୧(ବନ୍ଦନା ସେଠୀ)

ଆଦିଗୁରୁ ଓଡ଼ିଶୀ ଗୁରୁକୁଳ ପକ୍ଷରୁ ଆଦିଗୁରୁ ପଙ୍କଜ ଚରଣ ଦାସ ଆୱାର୍ଡ ଫେଷ୍ଟିଭାଲ ଶନିବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପାଟ୍ଟଶାଣୀ, ଗୁରୁ ଗୋବିନ୍ଦ ଚନ୍ଦ୍ର ପାଲ, ଗୁରୁ ଧନେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନୃତ୍ୟଶିଳ୍ପୀ ଗୁରୁ ଚପଳା ମିଶ୍ର ଓ ଗୁରୁ ମୁକ୍ତିଲତା ପାଲଙ୍କୁ 'ଆଦିଗୁରୁ ପଙ୍କଜ ଚରଣ ଦାସ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଗାୟତ୍ରୀ ଡ୍ୟାନ୍ସ ଏକାଡେମୀର କଳାକାରମାନେ ମଧ୍ୟ ନୃତ୍ୟ ପ୍ରତିଭା ପ୍ରଦର୍ଶନ କରିଥିଲେ। ଉତ୍ସବରେ ଯୋଗଦେଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ତାଙ୍କ ନାତୁଣୀ ତଥା ଗୁରୁକୁଳର ମ୍ୟାନେଜିଂ ଟ୍ରଷ୍ଟି ପଲ୍ଲବୀ ଦାସ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ଅନୁଷ୍ଠାନ ତରଫରୁ ଓଡ଼ିଶୀ ନୃତ୍ୟର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଗୁରୁ ଓ ଛାତ୍ରୀଛାତ୍ରଙ୍କୁ ଏକତ୍ରିତ କରି ଉତ୍ସବ ଆୟୋଜନ କରାଯାଉଛି।

# ୨୬୭ ଏକର ଜମିରେ ଗଞ୍ଜେଇ ଚାଷ ନଷ୍ଟ

ଭୁବନେଶ୍ୱର,୯।୧୧
(ସୂର୍ଯ୍ୟକାନ୍ତ ବେହେରା)

ରାଜ୍ୟର ବିଭିନ୍ନ ଜିଲାରେ ବେଆଇନ ଭାବେ ଚାଲିଥିବା ଗଞ୍ଜେଇ ଚାଷକୁ ପୋଲିସ ନଷ୍ଟ କରିଛି। ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, କନ୍ଧମାଳ, ବୌଦ୍ଧ, ଗଞ୍ଜାମ, ନବରଙ୍ଗପୁର ଓ ମୟୂରଭଞ୍ଜ ଜିଲାର ବିଭିନ୍ନ ଅଞ୍ଚଳର ୨୬୭ ଏକର ଜମିରେ ହୋଇଥିବା ଗଞ୍ଜେଇ ଚାଷକୁ ପୋଲିସ ଡ୍ରୋନ୍ ସହାୟତାରେ ଚିହ୍ନଟ କରି ନଷ୍ଟ କରିଛି। ଏନେଇ ଭୁବନେଶ୍ୱରସ୍ଥିତ ଡିଜିପି କ୍ୟାମ୍ପରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ଅନ୍‌ଲାଇନ ବୈଠକରେ ସୂଚନା ଦିଆଯାଇଛି। ଆଗାମୀ ଦିନରେ ଗଞ୍ଜେଇ ଚାଷ କରୁଥିବା ଲୋକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ କୁହାଯାଇଛି। ଏନେଇ ଅବକାରୀ ବିଭାଗ, ରାଜସ୍ୱ, ବନବିଭାଗ ଟିମ୍ ବୁଲି ଗଞ୍ଜେଇ ଚାଷ ଉପରେ ନଜର ରଖିବା ସହ ଖୋଜି ବାହାର କରିବେ। ସେହିପରି ଗଞ୍ଜେଇ ଚାଷ ଜମିରେ ବିକାଶମୂଳକ କାର୍ଯ୍ୟ କରିବାକୁ ଜିଲାପାଳମାନଙ୍କ ସହ ଆଲୋଚନା କରାଯାଇ କାର୍ଯ୍ୟକାରୀ କରିବାକୁ ଆଲୋଚନା ହୋଇଛି। ଏହି ଅନ୍‌ଲାଇନ ବୈଠକରେ ଅତିରିକ୍ତ ଡିଜିପି, ସିଆଇଡି, ସିବି, ଓପିଏସ୍ ଡିଆଇଜି, ଏସ୍‌ଡବ୍ଲ୍ୟୁଆର୍ ଡିଆଇଜି ପ୍ରମୁଖ ଅଧିକାରୀ ଉପସ୍ଥିତ ରହିଥିଲେ।

# ନିରପେକ୍ଷତା, ସତ୍ୟନିଷ୍ଠତା ନ ରହିଲେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭୁଶୁଡ଼ି ପଡ଼ିବ

## ପ୍ରଦ୍ୟୁମ୍ନ ବଳଙ୍କ ୯୨ତମ ଜୟନ୍ତୀ ସମାରୋହ

ଭୁବନେଶ୍ୱର,୯।୧୧(ବନ୍ଦନା ସେଠୀ)

ନିରପେକ୍ଷତା, ସତ୍ୟନିଷ୍ଠତା, ନିର୍ଭୀକତା ଓ ସ୍ୱଷ୍ଟତା ନ ରହିଲେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭୁଶୁଡ଼ି ପଡ଼ିବ ବୋଲି ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ପ୍ରଦ୍ୟୁମ୍ନ ବଳଙ୍କ ୯୨ତମ ଜୟନ୍ତୀ ସମାରୋହ ଓ ପ୍ରଗତିବାଦୀର ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ଖବର ପରିବେଷଣରେ ନିରପେକ୍ଷତା, ସତ୍ୟନିଷ୍ଠତା ସହ ଗରିବ ଲୋକଙ୍କ ସମସ୍ୟା ଲୋକଲୋଚନକୁ ଆଣି ଦୁର୍ନୀତି ଓ ଅନ୍ୟାୟ ବିରୋଧରେ ସ୍ୱର ଉଠାଇବା, ମୌଳିକ ଅଧିକାର ପାଇଁ ଜନଆନ୍ଦୋଳନ ଗଢ଼ି ତୋଳିବାରେ ପ୍ରଗତିବାଦୀର ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳ ଯେଉଁ ପଥ ପ୍ରଦର୍ଶନ କରିଯାଇଛନ୍ତି। ଗଣମାଧ୍ୟମଗୁଡ଼ିକ ସେହି ପଥରେ ଅଗ୍ରସର ନ ହେଲେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭକୁ ମଜଭୁତ ରଖିବା ସମ୍ଭବ ହେବନାହିଁ। ପ୍ରଥମ ଅଧିବେଶନକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟବକ୍ତା ଭାବେ ପ୍ରଫେସର ଧନେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଓ ପୂର୍ବତନ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ଯୋଗଦେଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜୟନ୍ତୀ କମିଟି ଅଧ୍ୟକ୍ଷ ଡ. ଗିରିଧର ଗମାଙ୍ଗ ସଭାପତିତ୍ୱ କରିଥିବାବେଳେ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ, ପ୍ରଫେସର ସଂଘମିତ୍ରା ମିଶ୍ର ଓ ପ୍ରଫେସର ମଣୀନ୍ଦ୍ର କୁମାର ମେହେର ଯୋଗଦେଇଥିଲେ। ଉଦ୍‌ଯାପନୀ ଅଧିବେଶନରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ କହିଲେ, ଗଣମାଧ୍ୟମ ରାଜ୍ୟ ଓ ଲୋକଙ୍କ ସ୍ୱାର୍ଥର ସୁରକ୍ଷା ଲାଗି କାମ କରିବା ଉଚିତ। ପ୍ରଦ୍ୟୁମ୍ନ ବାବୁ ରାଜନୀତି ଓ ସାମ୍ବାଦିକତାରେ ଏକ ଉଚ୍ଚମାନ ପ୍ରତିଷ୍ଠା କରିଯାଇଥିଲେ ବୋଲି ସେ କହିଥିଲେ। ଏହି ଅବସରରେ ପାରା ଆଥ୍‌ଲେଟ୍ ସୁଚିତ୍ରା ପରିଡ଼ାଙ୍କୁ 'ପ୍ରଦ୍ୟୁମ୍ନ ବଳ ବ୍ୟକ୍ତିତ୍ୱ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

# ଗବେଷଣା କ୍ଷେତ୍ରରେ ୬ଜଣ ସମ୍ବର୍ଦ୍ଧିତ

## କେମିକାଲ ଇଞ୍ଜିନିୟରଙ୍କ ୩୯ତମ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୯।୧୧(ଅନୁରାଧା ମହାରଣା)

କେମିକାଲ ଇଞ୍ଜିନିୟରଙ୍କ ୩୯ତମ ଜାତୀୟ ସମ୍ମିଳନୀ ଶନିବାର ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ୨ଦିନିଆ ଜାତୀୟ ସମ୍ମିଳନୀରେ କେମିକାଲ, ମେଟାଲର୍ଜିକାଲ ଓ ମିନେରାଲ ଇଞ୍ଜିନିୟରିଂ ସମ୍ପର୍କିତ ୨୦ରୁ ଅଧିକ ଗବେଷଣାମୂଳକ ନିବନ୍ଧ ଉପସ୍ଥାପନା ସହ ଆଲୋଚନା କରାଯାଉଛି। ଏହି ଅବସରରେ ବିଭିନ୍ନ ଯାନ୍ତ୍ରିକ ତଥା ବୈଜ୍ଞାନିକ ଗବେଷଣା ବିଭାଗରେ ପାରଦର୍ଶିତା ଲାଭ କରିଥିବା ୩ ଜଣ ବୟୋଜ୍ୟେଷ୍ଠ ଓ ୩ ଜଣ ଯୁବ ଇଞ୍ଜିନିୟରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଭାରତୀୟ ବିରଳ ମୃତ୍ତିକା ସଂସ୍ଥାର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. ଦୀପେନ୍ଦ୍ର ସିଂ ଯୋଗଦେଇ ଖଣିଜ, ରସାୟନ ଏବଂ ଧାତବ ଶିଳ୍ପର ଆବଶ୍ୟକତା, ଉପାଦେୟତା ଓ ଭବିଷ୍ୟତ ଉପଲବ୍ଧତା ବିଷୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ଓ ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସର କେମିକାଲ ଇଞ୍ଜିନିୟରିଂ ଡିଭିଜନର ଚେୟାରମ୍ୟାନ ଡ. ଆର୍. ଭୀମାରାଓ ପ୍ରମୁଖ ଯୋଗଦେଇଥିଲେ। ସେମାନେ ରସାୟନବିତ୍ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ସ୍ମାରକୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ ଓଡ଼ିଶା ଶାଖା ଅଧ୍ୟକ୍ଷ ପ୍ରଫେସର ଡ. ସୁଧାଂଶୁ ଶେଖର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀର ଆବାହକ ଡ. ଚତୁର୍ମୁଖ ପଟ୍ଟନାୟକ ପରିଚାଳନାରେ ସହଯୋଗ କରିଥିବାବେଳେ ଅନୁଷ୍ଠାନର ସମ୍ପାଦକ ଇଂ. ସଂଗ୍ରାମ କେଶରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସର ସର୍ବଭାରତୀୟ ଉପାଧ୍ୟକ୍ଷ ଡ. ନୂତନ କୁମାର ଦାଶଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ଇଞ୍ଜିନିୟର, ଶିକ୍ଷାବିତ୍, ଗବେଷକ, ଶିଳ୍ପୋଦ୍ୟୋଗୀ, ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ଭାଗନେଇଥିଲେ।

# 'ଅନାବୃତ ଅଭ୍ୟନ୍ତର' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୯।୧୧
(ବନ୍ଦନା ସେଠୀ)

ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ସଦାଶିବ ବିଶ୍ୱାଳଙ୍କ ଦ୍ୱାରା ଲିଖିତ ଓ ସମ୍ପାଦିତ ପୁସ୍ତକ 'ଅନାବୃତ ଅଭ୍ୟନ୍ତର' ଶନିବାର ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ, ଡ. ବିଶ୍ୱାଳଙ୍କୁ ଜଣେ ଛାତ୍ରବତ୍ସଳ, ଯଶସ୍ୱୀ ଶିକ୍ଷକ ଏବଂ ଖୋଲା ହୃଦୟର ବ୍ୟକ୍ତିତ୍ୱ ବୋଲି ବର୍ଣ୍ଣନା କରିଥିଲେ। ଆଜିର ସମାଜରେ ତାଙ୍କ ପରି ବ୍ୟକ୍ତିଙ୍କର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ରେଭେନ୍‌ଶା ଓଡ଼ିଆ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ମୁଖ୍ୟବକ୍ତାରୂପେ ଯୋଗଦେଇ ଲେଖକଙ୍କର ଜୀବନୀ ଇତିହାସ ତଥା ପୁସ୍ତକର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଲେଖକ ଡ. ବିଶ୍ୱାଳ ପୁସ୍ତକରେ ବର୍ଣ୍ଣିତ ନିଜର ଅଧ୍ୟାପନା, ଗବେଷଣା ଏବଂ ଲେଖନୀ ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ନୟାଗଡ଼ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିପିନ କୁମାର ପଟ୍ଟନାୟକ।

# ୪ ବ୍ୟକ୍ତିତ୍ୱଙ୍କୁ 'ଅବନୀ ବରାଳ ସମ୍ମାନ'

## ୧୧ତମ ସ୍ମୃତି ସମାରୋହ

ଭୁବନେଶ୍ୱର,୯।୧୧(ବନ୍ଦନା ସେଠୀ)

ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟିକ, ସାମ୍ୟବାଦୀ ତଥା ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ପ୍ରାଣ ପ୍ରତିଷ୍ଠାତା ଦିବଙ୍ଗତ ଅବନୀ ବରାଳଙ୍କ ୧୧ତମ ସ୍ମୃତି ସମାରୋହ ରେଡକ୍ରସ ଭବନରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘ ସଭାପତି ଧନଞ୍ଜୟ କେଶରୀ ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ସାଧାରଣ ସମ୍ପାଦକ ଦୁଷ୍ମନ୍ତ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାଶ ଏବଂ ବରିଷ୍ଠ ଶିକ୍ଷକ ନେତା ବିବେକାନନ୍ଦ ଦାସ ଯୋଗଦେଇ ଅବନୀ ବରାଳଙ୍କ ସ୍ମୃତିଚାରଣ କରିବା ସହ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ବିଶିଷ୍ଟ ଚିକିତ୍ସକ ଅଶୋକ କୁମାର ମହାପାତ୍ର, ଶିକ୍ଷାବିତ୍ ପ୍ରଫେସର ଅଶୋକ କୁମାର ପଟ୍ଟନାୟକ, କଥାକାର ରବି ସ୍ୱାଇଁ ଏବଂ ସଙ୍ଗଠକ ଦିଗମ୍ବର ସାହୁଙ୍କୁ 'ଅବନୀବରାଳ ସମ୍ମାନ ୨୦୨୪' ପ୍ରଦାନ କରାଯାଇଥିଲା। ଉମାକାନ୍ତ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଦିଲୀପ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ପ୍ରଫେସର ଅଜୟ କୁମାର ସାମଲଙ୍କ ସଭାପତିତ୍ୱ ଓ ଅମିୟ କୁମାର ମହାନ୍ତିଙ୍କ ସଂଯୋଜନାରେ 'କେନ୍ଦ୍ରୀୟ ଶିକ୍ଷାନୀତି ୨୦୨୦ ଏବଂ ଓଡ଼ିଶା' ଶୀର୍ଷକ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ଏଥିରେ ପ୍ରଫେସର ମାନସ ବେହେରା, ସିଦ୍ଧାର୍ଥ ଭରଦ୍ୱାଜ, ଅଶୋକ ମହାପାତ୍ର, କମଳଲୋଚନ ବିଶ୍ୱାଳ, ସୁରେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ନିଜ ମତ ରଖିଥିଲେ। ରାଜ୍ୟ ସରକାର ଓଡ଼ିଶାରେ ନୂଆ ଶିକ୍ଷାନୀତି ଲାଗୁ କରିବା ପୂର୍ବରୁ ଆଲୋଚନା କରି ସମସ୍ତଙ୍କ ସହମତି ଆଣିବା ପାଇଁ ଉଦ୍ୟମ କରନ୍ତୁ ବୋଲି ମତ ପ୍ରକାଶ ପାଇଥିଲା। ଦୁର୍ଯ୍ୟୋଧନ ପରିଡା, ବୃନ୍ଦାବନ ମହାପାତ୍ର, ଲୋକନାଥ ରଥ, ଶରତ ଚନ୍ଦ୍ର ଦାସ, ସଂଘମିତ୍ରା ଜେନା, ଦିଲୀପ ମହାଭୋଇ, ବିଧୁଭୂଷଣ ପଟ୍ଟନାୟକ, ଅଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନଗୁଡିକରେ କେନ୍ଦ୍ରୀୟ ଶିକ୍ଷାନୀତି ୨୦୨୦ ଉପରେ କର୍ମଶାଳାମାନ ଆୟୋଜନ କରାଯିବ ବୋଲି ସାଧାରଣ ସମ୍ପାଦକ ଘୋଷଣା କରିଥିଲେ।

# ନୀରବତା ଅନେକ ଭଲ ଲେଖାକୁ ଜନ୍ମଦିଏ

## ରାଜ୍ୟ ଯୁବ ସାହିତ୍ୟ ପର୍ବ 'ସାଥୀ ୩୬'

ଭୁବନେଶ୍ୱର,୯।୧୧(ବନ୍ଦନା ସେଠୀ)



ସାହିତ୍ୟ ପର୍ବରେ ଅତିଥିମାନଙ୍କ ସହ ଯୁବ ସାହିତ୍ୟିକମାନେ।

ପକ୍ଷୀଘର ପ୍ରକାଶନୀ, ଅଜୟ ଉତ୍ସବ ଟ୍ରଷ୍ଟ ଓ ଅଶୋକ ଫାଉଣ୍ଡେଶନ ପକ୍ଷରୁ ରାଜ୍ୟ ଯୁବ ସାହିତ୍ୟ ପର୍ବ 'ସାଥୀ ୩୬' ଶନିବାର ଭାରତୀୟ ବିଦ୍ୟାଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପର୍ବକୁ କଥାଶିଳ୍ପୀ ଅଜୟ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଗୀତିକାର କବି ଓ କଥାଶିଳ୍ପୀ ଦେବଦାସ ଛୋଟରାୟ ଯୋଗଦେଇ ସମୟ ସହ ଲେଖା ବଦଳିବା ଦରକାର ବୋଲି କହିଥିଲେ। କଥାଶିଳ୍ପୀ ପଦ୍ମଜ ପାଳ କହିଲେ, ନୀରବତା ଅନେକ ଭଲ ଲେଖାକୁ ଜନ୍ମଦିଏ। ଯେତେ ପାରୁଛ ନୀରବ ରୁହ ଓ ନୀରବରେ ନିଜ ସାଧନା କର। କେସିସିଏଲ୍‌ର ଚେୟାରମ୍ୟାନ ଡ. ସୌମ୍ୟରଞ୍ଜନ ସାମଲ ଯୁବ ଲେଖକଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ କବିତା ସଙ୍କଳନ 'ପୂର୍ବାଶା' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପକ୍ଷୀଘର ପ୍ରକାଶନୀ ପ୍ରକାଶିତ ପ୍ରଫୁଲ୍ଲ କୁମାର ଚକ୍ରଙ୍କ କବିତା ପୁସ୍ତକ 'ତୁମେ', ଯୁବକବି ଶୁଭଶ୍ରୀ ମହାରଣାଙ୍କର କବିତା ପୁସ୍ତକ 'ରତୁର ରୁମାଲ' ଏବଂ ଅଶୋକ ପୁହାଣଙ୍କ କବିତା ପୁସ୍ତକ 'ପ୍ରେମ ଓ ଭୋକ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କଥାଶିଳ୍ପୀ ଡ. ଲଲଟେନ୍ଦୁ ସାହୁ, ଡ. ପ୍ରଦୀପ ରାଉତ, ପକ୍ଷୀଘରର ପ୍ରକାଶକ ବବିତା ଦାଶ ତ୍ରିପାଠୀ, ଅଜୟ ଉତ୍ସବ ଟ୍ରଷ୍ଟର ଅଧ୍ୟକ୍ଷ ସାବିତ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କବିତା ପୁସ୍ତକଗୁଡ଼ିକର ଆଲୋଚକ ଭାବେ କବି ଡ. ଅମିୟ ରଞ୍ଜନ ମହାପାତ୍ର, କବି ତଥା ପ୍ରଶାସକ ଚିତ୍ତରଞ୍ଜନ ନାୟକ ଏବଂ ପ୍ରଫୁଲ୍ଲ କୁମାର ଚକ୍ର ଆଲୋଚନା କରିଥିଲେ। ଅଶୋକ ପୁହାଣ କବିତା ସଂଯୋଜନା କରିଥିଲେ।

# ଗୋହତ୍ୟା ବନ୍ଦ ଆଇନ ଲାଗୁ କରାଯାଉ

### ଶ୍ରୀ ରାମକୃଷ୍ଣ ଗୋ-ତୀର୍ଥର ଦ୍ୱିତୀୟ ଗୋଶାଳା ଉଦ୍‌ଘାଟିତ



ଖୋର୍ଦ୍ଧା,୯।୧୧(ପ୍ରଭାତ ପାଣିଗ୍ରାହୀ)

ବିଶ୍ୱ ହିନ୍ଦୁ ପରିଷଦ(ବିଏଚ୍‌ପି), ବଜରଙ୍ଗ ଦଳ ଖୋର୍ଦ୍ଧା ପ୍ରଖଣ୍ଡ ଆନୁକୂଲ୍ୟରେ ଶ୍ରୀରାମକୃଷ୍ଣ ଗୋ-ତୀର୍ଥର ଦ୍ୱିତୀୟ ଗୋଶାଳା ସ୍ଥାନୀୟ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ନିକଟରେ ଗୋପାଷ୍ଟମୀରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ହୋମଯଜ୍ଞ ପରେ ସମୂହ ଗୋପୂଜନ ଏବଂ ଗୋ ଆଳତି କାର୍ଯ୍ୟକ୍ରମ ହୋଇଥିଲା। ଏକାଧିକ ଦମ୍ପତି ଗୋମାତାଙ୍କୁ ପୂଜନ ସହ ଆଳତି କରିଥିଲେ। ବିଶ୍ୱହିନ୍ଦୁ ପରିଷଦ ବିଭାଗ ସମ୍ପାଦକ ପିଙ୍କୁ ବିଦ୍ୟାଧର, ଜିଲା ସଭାପତି ସତ୍ୟନାରାୟଣ ପାଣିଗ୍ରାହୀ, ଉପସଭାପତି ନରେନ୍ଦ୍ର ସାହୁ, ସହ ଜିଲା ସମ୍ପାଦକ ସନ୍ତୋଷ ଶ୍ରୀଚନ୍ଦନ, ବଜରଙ୍ଗ ଦଳ ବିଭାଗ ସଂଯୋଜକ ନୂତନଜିତ ଚମ୍ପତି, ଜିଲା ସଂଯୋଜକ ଉଦିତ୍ ପ୍ରହରାଜ, ସହ ଜିଲା ସଂଯୋଜକ ଦିବ୍ୟ ପ୍ରକାଶ, ପ୍ରଖଣ୍ଡ ସଂଯୋଜକ ସତ୍ୟଜିତ ବେହେରା, ବିଏଚ୍‌ପି ପ୍ରଖଣ୍ଡ ସମ୍ପାଦକ ଗୋପବନ୍ଧୁ ସାହୁ, ସହ ସଂଯୋଜକ ଅଜୟ ମାଝିଙ୍କ ସମେତ ଗୋଶାଳାର ସମସ୍ତ କର୍ମକର୍ତ୍ତା ଏବଂ ବିଏଚ୍‌ପି ଓ ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ବିଏଚ୍‌ପି ବିଭାଗ ସମ୍ପାଦକ ପିଙ୍କୁ ବିଦ୍ୟାଧର କହିଥିଲେ, ଭାରତୀୟ ସଂସ୍କୃତି ଓ ପରମ୍ପରାର ପ୍ରତୀକ ହେଉଛି ଗୋବଂଶ। ଗ୍ରାମୀଣ ସଂସ୍କୃତି, ଆର୍ଥିକ ସ୍ୱାବଲମ୍ବନର ଆଧାର ହେଉଛି ଭାରତୀୟ ଗୋବଂଶ। ଦେଶରେ ସ୍ୱଦେଶୀ ଗୋବଂଶ ପ୍ରଜାତି ସଂଖ୍ୟା ଦିନକୁଦିନ ହ୍ରାସ ପାଇବାରେ ଲାଗିଛି। ଏହାର ପ୍ରମୁଖ କାରଣ ହେଉଛି ଗୋହତ୍ୟା। ଏହା ଦିନକୁଦିନ ବଢ଼ିଚାଲିଛି। ଗୋହତ୍ୟା ବନ୍ଦ ଆଇନ ଲାଗୁ କରାଯାଉ। ଏଥିସହିତ ଗୋବଂଶଙ୍କ ପାଇଁ ଗୋଚର ଜମି ମୁକ୍ତ ହେବା ଜରୁରୀ। ଗୋବର, ଗୋମୂତ୍ରକୁ ବ୍ୟବହାର କରି ପଞ୍ଚଗବ୍ୟ ଔଷଧ ଏବଂ ଜୈବିକ କୃଷି କରାଯାଇପାରିବ। ପ୍ରତ୍ୟେକ ବ୍ୟକ୍ତି ପରିବାରରେ ଗୋଟିଏ ଗାଈ ପାଳିବାକୁ ସେ ଅନୁରୋଧ କରିଥିଲେ। ବିଏଚ୍‌ପି ଜିଲା ସଭାପତି ପାଣିଗ୍ରାହୀ କହିଥିଲେ, ହିନ୍ଦୁ ସଂସ୍କୃତିର ମୂଳ ଆଧାର କେନ୍ଦ୍ର ହେଉଛି ଗୋବଂଶ। ଏହାର ସୁରକ୍ଷା, ସମ୍ବର୍ଦ୍ଧନ, ବିକାଶ ଜରୁରୀ। ଗୋବଂଶକୁ ଆଧାର କରି ଗ୍ରାମୀଣ ସ୍ୱରାଜ, ଆତ୍ମନିର୍ଭରଶୀଳ ଭାରତ, ଗୋ ଆଧାରିତ ପାରମ୍ପରିକ କୃଷି ଏବଂ ସ୍ୱାବଲମ୍ବୀ ଭାରତ ଗଠନ କରାଯାଇପାରିବ।

## ସଂକ୍ଷେପରେ

### ମଇଁଷି ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ, ଜଣେ ଗିରଫ

ଖୋର୍ଦ୍ଧା,୯।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ ଜଟଣୀ ବାଇପାସ୍ ଓଭରବ୍ରିଜ ନିକଟରୁ ଏକ ମଇଁଷି ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରିଛି। ୯ଟି ମଇଁଷି ଉଦ୍ଧାର ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ପୁରୀ ଜିଲା ନିମାପଡ଼ା ଥାନା ବଡ଼ମାଛପୁର ଅଞ୍ଚଳର ଅବଦୁଲ ସତାର(୪୩)। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୫୦/୨୪) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନା ମୁତାବକ, ଭୁବନେଶ୍ୱର ପଟୁ ବ୍ରହ୍ମପୁର ଅଭିମୁଖେ ଏକ ମଇଁଷି ବୋଝେଇ ପିକ୍‌ଅପ୍ ଭ୍ୟାନ ଯାଉଥିବା ଖବରପାଇ ବଜରଙ୍ଗ ଦଳ କର୍ମୀ ଉକ୍ତ ଗାଡିକୁ ଅଟକାଇ ପୋଲିସ ଜିମା ଦେଇଥିଲେ। ପୋଲିସ ଜଣଙ୍କୁ ଗିରଫ କରିବା ସହ ପିକ୍‌ଅପ୍ ଭ୍ୟାନରୁ ୯ ମଇଁଷିଙ୍କୁ ଉଦ୍ଧାର କରି ଗୋଶାଳାରେ ଛାଡ଼ିଛି।

### ଚକାନାସୀ ପୀଠରେ ପଞ୍ଚକ ମହୋତ୍ସବ ପ୍ରସ୍ତୁତି

କୃଷ୍ଣପ୍ରସାଦ,୯।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁର ଗ୍ରାମ ନିକଟ ଚିଲିକା ଟାପୁ ମଧ୍ୟରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗୁପ୍ତଲୀଳା କ୍ଷେତ୍ର ସାଗର ଶ୍ରୀକ୍ଷେତ୍ର ଚକାନାସୀ ପୀଠରେ ଦ୍ୱାଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ପଞ୍ଚକ ମହୋତ୍ସବ ଓ ମହାକାର୍ତ୍ତିକ ମେଳା ୪ଦିନ ବ୍ୟାପୀ ଅନୁଷ୍ଠିତ ହେବ। ସାଗର ଶ୍ରୀକ୍ଷେତ୍ର ଚାରିଟେବୁଲ ଟ୍ରଷ୍ଟ ଓ ବ୍ରହ୍ମପୁର ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଥିବା ବେଳେ ଏନେଇ ଏକ ବୈଠକ ଟ୍ରଷ୍ଟର ମୁଖ୍ୟ ପରିଚାଳକ ବିଶ୍ୱରଞ୍ଜନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପାଦକ ଧବଳେଶ୍ୱର ଜେନା, ମହନ୍ତ କୁମାର ଜେନା, ସନ୍ତୋଷ କୁମାର ବେହେରା, ସୁରେଶ ଚନ୍ଦ୍ର ଜେନା, ପ୍ରଦୀପ କୁମାର ସାମଲଙ୍କ ସମେତ ଗ୍ରାମବାସୀ ଏବଂ ଟ୍ରଷ୍ଟର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପ୍ରତ୍ୟହ ଧର୍ମାଲୋଚନା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ନିମନ୍ତେ ନିଷ୍ପତ୍ତି ହେବା ସହ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି। ଆସନ୍ତା ୧୨ ତାରିଖରୁ ଏହି ମହୋତ୍ସବ ଆରମ୍ଭ ହେବ ବୋଲି ଟ୍ରଷ୍ଟର ମୁଖ୍ୟ ବିଶ୍ୱରଞ୍ଜନ ଜେନା ସୂଚନା ଦେଇଛନ୍ତି।

### ଯାତ୍ରାପଡ଼ିଆ ସଫେଇ କଲେ ଛାତ୍ରୀଛାତ୍ର

ବୋଲଗଡ଼,୯।୧୧(ଦେବବ୍ରତ ହୋତା)

ଦେଉଳି ଗ୍ରାମସ୍ଥିତ ରାଧା ଦାମୋଦର ମନ୍ଦିର ନିକଟ ଗିରିଗୋବର୍ଦ୍ଧନ ପ୍ରାଙ୍ଗଣରେ ଗିରିଗୋବର୍ଦ୍ଧନ ଯାତ୍ରା ଉତ୍ସବ ୩ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବ ଅବସରରେରେ ଗ୍ରାମର ଚାରି ଠାକୁର ଯାତ୍ରା ପଡ଼ିଆରେ ବିଜେ ହୋଇଥବା ବେଳେ ଅନେକ ଦୋକାନ, ସାଂସ୍କୃତିକ ଓ ନାଟକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଫଳରେ ଯାତ୍ରା ପଡ଼ିଆ ଅପରିଷ୍କାର ହୋଇଥିଲା। ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥାର ପ୍ରାୟ ୩୦ଜଣ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ଅଧିକାରୀ ପ୍ରମୋଦିନୀ ସୁବୁଦ୍ଧି ଓ ଶ୍ରୀକାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଯାତ୍ରା ପଡିଆରେ ପହଞ୍ଚି ସଫେଇ କରିଥିଲେ। କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ରାକେଶ କୁମାର ନାୟକ ଓ ଅନ୍ୟମାନେ ସହଯୋଗ କରିଥିଲେ।

# ନିର୍ମାଣାଧୀନ କୋଠାରୁ ଖସି ଶ୍ରମିକଙ୍କ ମୃତ୍ୟୁ

### ଜିଲା ସଦର ମୁଖ୍ୟ ଚିକିତ୍ସାଳୟରେ ଅଘଟଣ

ଖୋର୍ଦ୍ଧା,୯।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ସଦର ମୁଖ୍ୟ ଚିକିତ୍ସାଳୟ ପରିସରରେ ନିର୍ମାଣାଧୀନ କୋଠାରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କ ଶନିବାର ମୃତ୍ୟୁ ଘଟିଛି। ମୃତ ଶ୍ରମିକଙ୍କ ଘର ଫୁଲବାଣୀ ଅଞ୍ଚଳରେ ହୋଇଥିବା ବେଳେ ତାଙ୍କ ନାମ ସୁରେଶ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ମେଡିକାଲ ପରିସରରେ କୋଠା ନିର୍ମାଣ ଚାଲିଛି। ସେଠାରେ ଏକାଧିକ ଶ୍ରମିକ କାମ କରୁଛନ୍ତି। ଶନିବାର ଅପରାହ୍ନ ୧ଟାରେ କୋଠାରୁ ସୁରେଶ ହଠାତ୍ ତଳେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ଅନ୍ୟ ଶ୍ରମିକମାନେ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ମୃତଦେହ ବ୍ୟବଚ୍ଛେଦ ନ କରି ନେଇଯିବା ପାଇଁ କାର୍ଯ୍ୟରତ ଡାକ୍ତରଙ୍କ ଉପରେ ଚାପ ପ୍ରୟୋଗ କରାଯାଉଥିବା ଚର୍ଚ୍ଚା ହେବା ପରେ ଖବର ଜଣାପଡିଥିଲା। ଖବରପାଇ ମୃତକଙ୍କ ସମ୍ପର୍କୀୟ ମେଡିକାଲରେ ପହଞ୍ଚିଥିଲେ। ଖବରଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ବେଳେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ସମ୍ବର୍ଦ୍ଧନା ଆଗକୁ ବଢ଼ିବାର ପ୍ରେରଣା ଦେଇଥାଏ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅନ୍ୟମାନେ।

ବୋଲଗଡ଼,୯।୧୧(ଦେବବ୍ରତ ହୋତା)

ବୋଲଗଡ଼ ସଦରସ୍ଥିତ ନନ୍ଦିଘୋଷ ଭବନଠାରେ ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ) ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶୈଳେନ ପଟ୍ଟନାୟକଙ୍କ ସଭାପତିତ୍ୱରେ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମ୍ବର୍ଦ୍ଧନା ଦ୍ୱାରା କାର୍ଯ୍ୟ କରିବା ପାଇଁ ଉତ୍ସାହ ଏବଂ ମନୋବଳ ବୃଦ୍ଧି ପାଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ସମ୍ମାନିତ ଅତିଥିଭାବେ ଐତିହାସିକ ରବୀନ୍ଦ୍ର ପରିଡ଼ା, ଜିଲାପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ ଓ ସଭ୍ୟା ସୁନନ୍ଦିତା ସାହୁ, ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ କୈଳାସ ନାଥ ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାନାମ୍ବର ମାଝି, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପଟ୍ଟନାୟକ, ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା, ସମ୍ପାଦକ ବିଭୁ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ପକ୍ଷରୁ ବିଧାୟକ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିବାବେଳେ ପ୍ରାଥମିକ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ବିଧାନସଭା ଅଧିବେଶନରେ ଉତ୍ଥାପନ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶିକ୍ଷକ ଚିନ୍ତାମଣି ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବିଭୁରଞ୍ଜନ ରଥ ସ୍ୱାଗତ ଭାଷଣ ଏବଂ ଶିକ୍ଷକ ବିଜୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘର ଆଭିମୁଖ୍ୟ ସମ୍ପର୍କରେ ଶିକ୍ଷକ ଜନ୍ମେଜୟ ମାଝି ସୂଚନା ଦେଇଥିଲେ। ସଂଘ ସମ୍ପାଦକ ପ୍ରଫୁଲ୍ଲ କୁମାର ସିଂହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ନୂତନ ଭାବେ ନିଯୁକ୍ତି ପାଇଥିବା ୪୮ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଓ ସ୍ଥାନାନ୍ତର ହୋଇଥିବା ୨୨ଜଣଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ସିଆରସିସି ସହଯୋଗ କରିଥିଲେ। ଶେଖ ଅବଦୁଲ ମାଜିଦ ଧନ୍ୟବାଦ ଦେଇଥିଲେ।

### ଶିକ୍ଷାବିତ୍ ବି. ରଙ୍ଗନାଥନ୍‌ଙ୍କ ଜୟନ୍ତୀ

ଟାଙ୍ଗୀ,୯।୧୧(ରଘୁନାଥ ସାହୁ)

ବିଶିଷ୍ଟ ଶିକ୍ଷାବିତ୍ ତଥା ନାଚୁଣୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ବି. ରଙ୍ଗନାଥନ୍‌ଙ୍କ ୧୧୭ତମ ଜୟନ୍ତୀ ରାଜ୍ୟ ପୂଜ୍ୟପୂଜା ସଂସଦ ଚିଲିକା ଶାଖା ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ବରିଷ୍ଠ ନାଗରିକ ସଂଘର ସଭାପତି ଅଶ୍ୱିନୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କାଳିଜାଇ କଲେଜର ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପ୍ରଧାନ, ଗାୟକ ଦକ୍ଷିଣ କେଶରୀ ରାମଚନ୍ଦ୍ର କର, ଅଧ୍ୟାପକ ଗୋଲକ ବିହାରୀ ବାରିକ, ଯୁବଜ୍ୟୋତି ହାଇସ୍କୁଲର ପ୍ରଧାନ ଶିକ୍ଷକ ଆଶିଷ ପତି, ପୂର୍ବତନ ଲାଇବ୍ରେରିଆନ୍ ରାମଚନ୍ଦ୍ର ମାର୍ଥା, ଶିକ୍ଷକ ଦୁର୍ଯ୍ୟୋଧନ ପ୍ରଧାନ, ଅଧ୍ୟାପକ ବିଶ୍ୱଭୂଷଣ ରଥ, ଶିକ୍ଷକ ପଠାଣି ବଳବନ୍ତରାୟ, ପଣ୍ଡିତ ଭବାନୀ ଶଙ୍କର ମହାପାତ୍ର, ଶିକ୍ଷକ ସୁରେନ୍ଦ୍ର ନାଥ ସ୍ୱାଇଁ, ଶିକ୍ଷକ ବିଭୂତି ଭୂଷଣ ଦାଶ, ଭରତ ଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ଭୋଳ, ଦୁର୍ଯ୍ୟୋଧନ ବେହେରା, ଶରତ ଶତପଥୀ, ହରିପୁର ସରପଞ୍ଚଙ୍କ ପ୍ରତିନିଧି ବିଜୟ ବେହେରା ପ୍ରମୁଖ ଯୋଗଦେଇ ରଙ୍ଗନାଥନ୍ ଜଣେ ସତ୍ୟନିଷ୍ଠ, କର୍ତ୍ତବ୍ୟପରାୟଣତା ଓ ସମାୟାନୁବର୍ତ୍ତିତାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ବକ୍ତାମାନେ କହିଥିଲେ। ଶେଷରେ ଚିଲିକା ପୂଜ୍ୟପୂଜା ସଂସଦ ସଭାପତି ଦିଲୀପ ଶତପଥୀ ଧନ୍ୟବାଦ ଦେଇଥିଲେ।

# ଭାରତୀୟ ବିଦ୍ୟା ନିକେତନ ପକ୍ଷରୁ ମାତୃ ସମ୍ମିଳନୀ



ବେଗୁନିଆ,୯।୧୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ପୋଡ଼ାଡିହ ଗ୍ରାମସ୍ଥିତ ଭାରତୀୟ ବିଦ୍ୟା ନିକେତନ ପରିସରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମା'ମାନଙ୍କ ମଧ୍ୟରେ ଦୁଇଟି ପ୍ରତିଯୋଗିତା ସମ୍ପୂର୍ଣ୍ଣ ଲକ୍ଷ୍ମୀ ଝୋଟି ଓ ସ୍ୱୟଂସିଦ୍ଧା ମ୍ୟୁଜିକ ଚେୟାର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଶୁଭକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବାବା ପୂର୍ଣ୍ଣଚନ୍ଦ୍ର କୃଷ୍ଣଦାସ ମୁଖ୍ୟ ଅତିଥି ଏବଂ କୋଷାଧ୍ୟକ୍ଷ ସୁରେନ୍ଦ୍ର ମହାନ୍ତି ଯୋଗଦେଇ ମତବ୍ୟକ୍ତ କରିଥିଲେ। ପରେ ସମ୍ପୂର୍ଣ୍ଣ ଲକ୍ଷ୍ମୀ ଭାବେ ଶର୍ମିଷ୍ଠା ସାହୁ, ସସ୍ମିତା ଦାସ, ରଞ୍ଜୁଲତା ସେଠୀ ଓ ସ୍ୱୟଂସିଦ୍ଧା ଭାବେ ଝୁନା ସାହୁ, ମମତା ବେହେରା ଓ ରଶ୍ମିତା ନାୟକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟା ସୁକାନ୍ତି ନାୟକଙ୍କ ସମେତ ଗୁରୁମା'ମାନେ ପରିଚାଳନା କରିଥିଲେ।

# ଆଧ୍ୟାତ୍ମିକ ଚେତନାର ବିକାଶ କରୁଛି ପ୍ରବଚନ




ବୋଲଗଡ଼,୯।୧୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ କବିତୀର୍ଥ ସାନପଦର ଗ୍ରାମରେ କବି ଭକ୍ତ ଚରଣ ଦାସଙ୍କ ପୁଣ୍ୟତିଥି ଅବସରରେ ସପ୍ତାହ ବ୍ୟାପୀ କାର୍ତ୍ତିକ ପ୍ରବଚନ ମହାସମାରୋହ ଓ ଭକ୍ତଚରଣ ସ୍ମାରକୀ କାର୍ଯ୍ୟକ୍ରମ ଆବାହକ ଶ୍ରୀକାନ୍ତ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହେଉଛି। ପ୍ରବଚନ ମହାସମାରୋହ କାର୍ଯ୍ୟକ୍ରମରେ ପ୍ରବଚକ ପରିବ୍ରାଜକ ପ୍ରମୋଦ କୁମାର, ଦ୍ୱିତୀୟ ସନ୍ଧ୍ୟାରେ ଚିତ୍ତରଞ୍ଜନ ମିଶ୍ର, ତୃତୀୟ ସନ୍ଧ୍ୟାରେ ପଣ୍ଡିତ କୃଷ୍ଣଚନ୍ଦ୍ର ଶତପଥୀ ଆଧ୍ୟାତ୍ମିକ ଚେତନାର ବିକାଶ ପାଇଁ ପ୍ରବଚନ ଦେଇଥିଲେ।

ଉଦ୍‌ଘାଟନୀ ଉତ୍ସବରେ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତିସଭ୍ୟ ଦିଲୀପ କୁମାର ମହାପାତ୍ର, ବୋଲଗଡ଼ ଶିକ୍ଷକ ସଂଘ ସଭାପତି ଶୈଳେନ ପଟ୍ଟନାୟକ, ଗ୍ରାମ୍ୟ କମିଟି ସମ୍ପାଦକ ଅର୍ଜୁନ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ବିଜୟ କୁମାର ସାହୁ, ଗଗନ କୁମାର ସ୍ୱାଇଁ, ବିଜୟ କୁମାର ଗୁମାନସିଂହ ପ୍ରମୁଖ ଯୋଗଦେଇଥିଲେ। ମାନସ ରଞ୍ଜନ ସାମନ୍ତରାୟ, ବିକ୍ରମ କେଶରୀ ସାମନ୍ତରାୟ, ଦେବୀ ପ୍ରସାଦ ସିଂହ, ପ୍ରକାଶ ଚନ୍ଦ୍ର ନାୟକଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳାରେ ୮୨୦ ପ୍ରକଳ୍ପ

ନିରାକାରପୁର,୯।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)



ନିରାକାରପୁର ପଞ୍ଚାୟତ ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୨୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ସ୍ଥାନ ପାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ କେବିଡିଏଭି ମହାବିଦ୍ୟାଳୟର ଅଧ୍ୟକ୍ଷ ବ୍ରତତୀ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜ୍ଞାନମେଳାର ଶୁଭାରମ୍ଭ କରିଥିଲେ। ବିଚାରକ ଭାବେ ଶଙ୍କର୍ଷଣ ପ୍ରଧାନ, ଦୁର୍ଗା ପ୍ରସାଦ ମିଶ୍ର, ରଶ୍ମିକାନ୍ତ ପ୍ରଧାନ, ସନ୍ଦିପନା ବେହେରା ପ୍ରମୁଖ ଯୋଗଦେଇଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ଯୋଗଦେଇ ଅସମ୍ଭବକୁ ସମ୍ଭବ କରିବାର କ୍ଷମତା କେବଳ ବିଜ୍ଞାନର ଥାଏ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାମନ୍ଦିରର ସହ-ସଭାପତି ବିଜୟ ଜୟସିଂହ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଆଚାର୍ଯ୍ୟ ନୀହାର ରଞ୍ଜନ ସାମନ୍ତସିଂହାର ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ବିନୋଦ ବିହାରୀ ସେଠୀ ଧନ୍ୟବାଦ ଦେଇଥିଲେ । ବରିଷ୍ଠ ବିଭାଗରେ ସନ୍ତୋଷ ବଳିୟାରସିଂହ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସ୍ୱାତୀ ନିଶଙ୍କ ଦ୍ୱିତୀୟ, ଶୁଭଶ୍ରୀ ପ୍ରଧାନ ତୃତୀୟ, ଉପବରିଷ୍ଠ ବିଭାଗରେ କୃଷ୍ଣାର୍ପିତା ଷଡ଼ଙ୍ଗୀ ପ୍ରଥମ, ଏସ୍.ଆର. ଶୁଭ୍ରାଂଶୁ ନାୟକ ଦ୍ୱିତୀୟ, ବିଶ୍ୱଜିତ୍ ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କନିଷ୍ଠ ବିଭାଗର ସୁଶ୍ରୀ ସ୍ମିତିପ୍ରଜ୍ଞା ପ୍ରଥମ, ଆରାଧ୍ୟା ବେହେରା ଦ୍ୱିତୀୟ, ତପୋରାଜ ରାଉତରାୟ ଏବଂ ରୋଶନ ବଳବନ୍ତରାୟ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉପକନିଷ୍ଠ ବିଭାଗର ରିତିକା ପ୍ରଧାନ ପ୍ରଥମ, ଏସ୍.ଏସ୍. ସ୍ନେହମୟୀ ଦ୍ୱିତୀୟ, ଇତିଶ୍ରୀ ବେହେରା ଏବଂ ସତ୍ୟଜିତ୍ ସାହୁ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ଛୋଟରାୟ, ଶକ୍ତି ପ୍ରସାଦ ଚ୍ୟାଉପଟ୍ଟନାୟକ, ଗୋପାଳ ବେହେରା, ଲଲାଟ କୁମାର ସାହୁ, ଆଚାର୍ଯ୍ୟା ସନ୍ଧ୍ୟାରାଣୀ ବାହିନୀପତି, ମାମୁନୀ ତାଡ଼, ବୈଶାଖୀ ପ୍ରଧାନ, ଶୁଭଶ୍ରୀ ଜେନା, ବନିତା ମଙ୍ଗରାଜ ପ୍ରମୁଖ ସହଯୋଗ କରିଥିଲେ।

# ପକ୍ଷୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଟାଙ୍ଗୀ,୯।୧୧(ରଘୁନାଥ ସାହୁ)

ଭାରତୀୟ ବିଦ୍ୟାନିକେତନ କାଲୁପଡ଼ାଘାଟ ପକ୍ଷରୁ ଚିଲିକାରେ ବିଦେଶୀ ପକ୍ଷୀଙ୍କ ସୁରକ୍ଷା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ସଚେତନତାମୂଳକ ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡ ଧରି ଲୋକଙ୍କୁ ସଚେତନ କରିଥିଲେ। ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହେବାରେ ଲାଗିଛି। ପକ୍ଷୀଙ୍କ ସମାରୋହ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଚିଲିକାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବ। ତେଣୁ ଅତିଥି ପକ୍ଷୀଙ୍କ ସୁରକ୍ଷା ପାଇଁ ଏଭଳି ଅଭିନବ ପଦକ୍ଷେପ ବିଦ୍ୟାଳୟ ପକ୍ଷରୁ କରାଯାଇଛି। ଏହା ସହ ବିଦ୍ୟାଳୟ ପରିସରରେ ସଚେତନତା ସଭା ବିଦ୍ୟାଳୟ ଅଧ୍ୟକ୍ଷା ବନଶ୍ରୀ ମହାପାତ୍ରଙ୍କ ସଭାପତିତ୍ୱରେ ହୋଇଥିଲା। ମୁଖ୍ୟ ଅତିଥିଭାବେ ବନ୍ୟପ୍ରାଣୀ ଡିଏଫ୍‌ଓ ଅମ୍ଳାନ ନାୟକ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପିସିସିଏଫ୍ ଡ. ଦେବବ୍ରତ ସ୍ୱାଇଁ, ନବ ସବୁଜିମା ସମ୍ପାଦକ ହରିହର ଦାସ, ବିଦ୍ୟାଳୟ ପ୍ରତିଷ୍ଠାତା ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ବିଦ୍ୟାଳୟ ଉପଦେଷ୍ଟା ମୁକ୍ତିକାନ୍ତ ଶତପଥୀ, ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରା, ପରିଚାଳନା କମିଟି ସଦସ୍ୟ ପ୍ରଭାକର ବିଶ୍ୱାଳ, ରେଞ୍ଜ ଅଫିସର ବିରାଜ ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଭା ସୁଚିତ୍ରା ନାୟକ, ଶୁଭସ୍ମିତା ଜେନା, ବିଜୟଲକ୍ଷ୍ମୀ ମାନସିଂ, ପ୍ରୀତପ୍ରଜ୍ଞା ମହାପାତ୍ର, ସ୍ୱୟଂଶ୍ରଦ୍ଧା ନାୟକଙ୍କୁ ପୁରସ୍କୃତ କରାଯାଇଥିଲା।



# ଚିଲିକା ସେଲ୍‌ଡକ ଅନ୍ତର୍ଜାତୀୟ ଲୋକକଳା ମହୋତ୍ସବ ଉଦ୍‌ଘାଟିତ

ବାଲୁଗାଁ,୯।୧୧(ସଂଗ୍ରାମ ପାଇକରାୟ)




ଚିଲିକା ସେଲ୍‌ଡକ ଅନ୍ତର୍ଜାତୀୟ ଲୋକକଳା ମହୋତ୍ସବ ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା କଳାକାରମାନେ।

ଚିଲିକା ସେଲ୍‌ଡକ ଅନ୍ତର୍ଜାତୀୟ ଲୋକକଳା ମହୋତ୍ସବ ଶନିବାର ସ୍ଥାନୀୟ ବଡ଼କୁଳସ୍ଥିତ ଓଡ଼ିଆର୍ଟ ସେଣ୍ଟରରେ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବକୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥିଭାବେ ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉପସ୍ଥିତ ଥିଲେ। ଏହି ମହୋତ୍ସବ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବେଳେ ଚଳିତବର୍ଷର ମୁଖ୍ୟ ଆକର୍ଷଣ ହେଉଛି ଏସିଆର ତାଳ ସଙ୍ଗୀତ ଏବଂ ସଂଯୁକ୍ତ ବାଦ୍ୟ ଉତ୍ସବ। ଚଳିତବର୍ଷ ଏହି ମହୋତ୍ସବ ଦଶମ ବର୍ଷରେ ପଦାର୍ପଣ କରିଥିବା ବେଳେ ଓଡିଆର୍ଟ କେନ୍ଦ୍ରର ସଚିବ ମାନସ ରଞ୍ଜନ ପଟ୍ଟନାୟକଙ୍କ ସୂଚନା ଅନୁଆୟୀ ମହୋତ୍ସବରେ ଭିଏତ୍‌ନାମ, ଦକ୍ଷିଣ କୋରିଆ ଏବଂ ଭାରତର ବିଭିନ୍ନ ଅଞ୍ଚଳରୁ ନିମନ୍ତ୍ରିତ କଳାକାରମାନେ ଯୋଗଦେଇ ସଂଯୁକ୍ତ ବାଦ୍ୟଧ୍ୱନି ପରିବେଷଣ କରିବେ। ଧ୍ୱନି ବାଦନର ଯାଦୁଗର ତଥା ଓଡ଼ିଶାର ସୁପ୍ରସିଦ୍ଧ କଳାକାର ଗିରିଧାରୀ ଗମାଙ୍ଗ ଏବଂ ତାଙ୍କ ଦଳ କଳାତ୍ମକ ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଦେଶର ବିଭିନ୍ନ ଅଞ୍ଚଳର ଲୋକବାଦ୍ୟ ମଧ୍ୟରେ ବଙ୍ଗର ଶ୍ରୀଖୋଳ, ମଣିପୁରର ଢୋଲ ଛଲମ, ଆସାମର ଭୋର ତାଲ, ମହାରାଷ୍ଟ୍ରର ମହାଢୋଲ, ଆନ୍ଧ୍ରପ୍ରଦେଶର କାରାଘମ କାବାଡି ଏବଂ ଓଡ଼ିଶାର ଘଣ୍ଟ, ମର୍ଦ୍ଦଳ, ହେମସା ଆଦି ଅନ୍ତର୍ଭୁକ୍ତ। ଓଡ଼ିଆର୍ଟରେ ମୁଖ୍ୟ ପରିଚାଳକ ତଥା ପ୍ରତିଷ୍ଠାତା ପ୍ରସନ୍ନ କୁମାର ଦାସଙ୍କ ମତରେ ଏ ସମସ୍ତ ବାଦ୍ୟଯନ୍ତ୍ର ଓ ତାର ବାଦକବୃନ୍ଦ ପ୍ରତି ପ୍ରଦେଶର ଲୋକ ସଂସ୍କୃତି ତଥା ଐତିହ୍ୟ ପ୍ରତିନିଧିତ୍ୱ କରି ଏହି ଉତ୍ସବକୁ ଅଧିକ ମନୋଜ୍ଞ ଓ ଅବିସ୍ମରଣୀୟ କରିବା ସଙ୍ଗେ ସଙ୍ଗେ ଭିନ୍ନ ଭିନ୍ନ ଦେଶ ତଥା ଅଞ୍ଚଳର ସ୍ୱତନ୍ତ୍ର ସୃଜନଶୀଳତା ଓ କଳାତ୍ମକ ଅଭିବ୍ୟକ୍ତିକୁ ପରସ୍ପର ଆଦାନ ପ୍ରଦାନ ମାଧ୍ୟମରେ ଲୋକବାଦ୍ୟର ଏକ ମହାସଂଯୋଗ ସୃଷ୍ଟି କରିବା ଏହି ମହୋତ୍ସବର ଲକ୍ଷ୍ୟ।

# ଉଠା ଦୋକାନୀଙ୍କ ପାଇଁ ୮୦ ହଜାର ବର୍ଗଫୁଟ ଜାଗା

କଟକ, ୯।୧୧ (ଶିଳ୍ପା ପ୍ରିୟଦର୍ଶିନୀ)

## ବାଲିଯାତ୍ରା ପଡ଼ିଆରେ ସ୍ଥିତି ସମୀକ୍ଷା କଲେ ଜିଲାପାଳ


ଜିଲାପାଳ ଓ ଡିସିପି ବାଲିଯାତ୍ରା ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଆସନ୍ତା ୧୫ରେ କଟକ ବାଲିଯାତ୍ରା। ଏଥିପାଇଁ ଉଭୟ ତଳ ଓ ଉପର ପଡ଼ିଆରେ ପ୍ରସ୍ତୁତି ଜୋର୍‌ସୋର୍‌ରେ ଚାଲିଛି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଶନିବାର ବାଲିଯାତ୍ରା ପଡ଼ିଆ ବୁଲି ସ୍ଥିତି ସମୀକ୍ଷା କରିଛନ୍ତି। ତାଙ୍କ ସହ ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର, କଟକ ଡିସିପି ଜଗମୋହନ ମୀନା ସାମିଲ ଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉଠାଦୋକାନୀଙ୍କ ବ୍ୟବସାୟ ନିମନ୍ତେ ଉଭୟ ପଡ଼ିଆରେ ୮୦ ହଜାର ବର୍ଗଫୁଟ ଜମି ରଖାଯାଇଛି। ସେଥିମଧ୍ୟରୁ ୧୫ ହଜାର ବର୍ଗଫୁଟ ଜାଗା ଉପର ପଡ଼ିଆ ଓ ୬୫ ହଜାର ବର୍ଗଫୁଟ ଜାଗା ତଳ ପଡ଼ିଆରେ ରହିବ। ୨୦% ଉଠାଦୋକାନୀଙ୍କୁ ଉପର ପଡ଼ିଆ ଓ ୮୦% ଉଠାଦୋକାନୀଙ୍କୁ ତଳପଡ଼ିଆରେ ଜାଗା ଯୋଗାଇ ଦିଆଯିବ। ଅନ୍ୟପକ୍ଷରେ କଟକ-ଇନ୍-କଟକ ଏବଂ କୃଷିବିଭାଗର ଷ୍ଟଲ୍ ନିକଟ ଖୋଲା ସ୍ଥାନରେ ଉଠାଦୋକାନୀ ନିର୍ଦ୍ଧାରିତ ଦେୟ ଦାଖଲ କରି ବ୍ୟବସାୟ କରିପାରିବେ। ଅନ୍ୟ କୌଣସି ସାଧାରଣ ବ୍ୟବସାୟୀ ଉକ୍ତ ସ୍ଥାନରେ ବସିପାରିବେ ନାହିଁ ବୋଲି ଜିଲାପାଳ ସିନ୍ଦେ ସୂଚନା ଦେଇଛନ୍ତି।

### ଉଠାଦୋକାନୀଙ୍କୁ ଉଠାଇବାକୁ ୫ ଏନ୍‌ଫୋର୍ସମେଣ୍ଟ ଟିମ୍

ବାଲିଯାତ୍ରାରେ ଉଠାଦୋକାନୀ ରାସ୍ତାକଡ଼ରେ ବ୍ୟବସାୟ କରିପାରିବେ ନାହିଁ। କୌଣସି ଦୋକାନୀ ରାସ୍ତା ପାର୍ଶ୍ୱରେ ବସିଲେ ଏନ୍‌ଫୋର୍ସମେଣ୍ଟ ଟିମ୍ ତାଙ୍କୁ ସେଠାରୁ ଉଠାଇବ। ଏଥିପାଇଁ ସିଏମ୍‌ସି, ପୋଲିସ ଏବଂ ଜିଲା ପ୍ରଶାସନର ମିଳିତ ସହଯୋଗରେ ୫ ଟିମ୍ ଗଠନ କରାଯାଇଛି। ଆସନ୍ତା ୧୨ ତାରିଖରୁ ଏହି ଚଢ଼ାଉ ପ୍ରକ୍ରିୟା ଆରମ୍ଭ ହେବ। ଏହାସହ ଏସ୍‌ସିବି ମେଡିକାଲକୁ ଯିବା ପାଇଁ ତିଆରି ହେବ ଅସ୍ଥାୟୀ ରାସ୍ତା। ବାଲିଯାତ୍ରା ସମୟରେ ରିଂରୋଡରେ ପ୍ରବଳ ଭିଡ଼ ଜମିବ। ଫଳରେ ଆମ୍ବୁଲାନ୍ସ ଯାତାୟାତରେ ଯେଭଳି କୌଣସି ଅସୁବିଧା ନ ହେବ ସେଥିପାଇଁ ଗୁରୁତ୍ୱ ଦିଆଯାଇଥିବା ଡିସିପି ମୀନା ସୂଚନା ଦେଇଛନ୍ତି।

### ଲୋକଙ୍କ ଯାତାୟାତ ନିମନ୍ତେ ୪ ଗେଟ୍

ଚଳିତବର୍ଷ ପଡ଼ିଆ ମଧ୍ୟକୁ ଆଉ ୨ଟି ଅସ୍ଥାୟୀ ପ୍ରବେଶ ପଥ କରିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ଉପର ଓ ତଳ ବାଲିଯାତ୍ରା ପଡିଆକୁ ଯିବା ନିମନ୍ତେ ୨ଟି ଗେଟ୍ କରାଯାଉଥିଲା। ଗୋଟିଏ ମୁଖ୍ୟ ତୋରଣ ନିକଟରେ ଓ ଅନ୍ୟଟି ଗଡ଼ଗଡ଼ିଆ ମନ୍ଦିର ପଛ ପାଖରେ ହୋଇଥାଏ।

### ବୋଇତରେ ଆସିବେ ଅତିଥି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଥମଦିନ ବାଲିଯାତ୍ରାକୁ ଉଦ୍‌ଘାଟନ କରିବେ। ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକ ବର୍ଦ୍ଧନ ସିଂଦେଓ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଏମ୍‌ପି, ବିଧାୟକ ଏବଂ ୧୫ ରାଷ୍ଟ୍ରର ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅତିଥିମାନେ ସିଧା ବାଲିଯାତ୍ରା ପଡ଼ିଆକୁ ନ ଆସି ରିଂରୋଡରୁ ସିଲ୍‌ଭର ସିଟି ବୋଟ୍ କ୍ଲବରେ ପହଞ୍ଚିବେ। ସେଠାରୁ ଅତିଥିମାନଙ୍କୁ ମହାନଦୀ ଜଳରାଶିରେ ବୋଇତରେ ବସାଇ ଗଣକବି ବୈଷ୍ଣବ ପାଣି ମଞ୍ଚ ନିକଟକୁ ନିଆଯିବ। ଏଥିପାଇଁ ୩/୪ଟି ଡଙ୍ଗାକୁ ବୋଇତ ସଦୃଶ ସଜ୍ଜିତ କରାଯିବ। ଫଳରେ ଭିଡ଼ ନିୟନ୍ତ୍ରଣ କ୍ଷେତ୍ରରେ କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ।

# 'ଗୋମାତା ବଞ୍ଚିଲେ ବିଶ୍ୱ ବଞ୍ଚିବ'


ଅନୁଷ୍ଠାନ ପକ୍ଷରୁ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ମଙ୍ଗୁଳି-ଜଗତପୁର, ୯।୧୧ (ମାନସ ସାମଲ)

ଜଗତପୁରସ୍ଥିତ ଅନ୍ନପୂର୍ଣ୍ଣା ଗୋଶାଳା ପରିସରରେ ଗୋପାଷ୍ଟମୀ ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନ୍ନପୂର୍ଣ୍ଣା ଗୋଶାଳା କମିଟି ସଭାପତି ଶ୍ୟାମସୁନ୍ଦର ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କହିଛନ୍ତି, ଗୋମାତା ବଞ୍ଚିଲେ ବିଶ୍ୱ ବଞ୍ଚିବ। ସମସ୍ତେ ମିଳିମିଶି ଗୋବଂଶ ରକ୍ଷା କରି ବିଶ୍ୱକୁ ରକ୍ଷା କରିବା। ଅର୍ଥ ଉପାର୍ଜନ ପାଇଁ ଯେଉଁମାନେ ଗୋଚାଲାଣ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ସମ୍ପାଦକ ମହେଶ ସାହୁ, ଗୁରୁଜୀ ତ୍ରୈଲୋକ୍ୟ ସ୍ୱାମୀ ଭାରତ ଜୀ, ଚେୟାରମ୍ୟାନ୍ ସଞ୍ଜୟ କୁମାର ଅଗ୍ରୱାଲ, ଉପସଭାପତି ଅଶୋକ କୁମାର ସାହୁ, ପୁଷ୍ପା ଅଗ୍ରୱାଲ, ଗୋ ସେବକ ଶୋବେନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ରମଣ କୁମାର ମାଗାଡିଆ ଅତିଥି ପରିଚୟ ଓ ଗୋଶାଳା ମୁଖ୍ୟ ସଂଯୋଜକ ହେମନ୍ତ କୁମାର ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

# ଚୌଦ୍ୱାର କଲେଜରେ ବିଜ୍ଞାନ ମେଳା


ବିଜ୍ଞାନମେଳାରେ ଛାତ୍ରୀ ପ୍ରକଳ୍ପ ବିଷୟରେ ବୁଝାଉଛନ୍ତି।

ଚୌଦ୍ୱାର, ୯।୧୧ (ଆଶୁତୋଷ ଦାସ)

ଚୌଦ୍ୱାର କଲେଜରେ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜର ୧୧୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବିପର୍ଯ୍ୟୟ ପରିଚାଳନା, ଶକ୍ତି ସଂରକ୍ଷଣ, ବର୍ଜ୍ୟବସ୍ତୁ ପରିଚାଳନା, ପ୍ରାକୃତିକ ସମ୍ପଦରୁ ଶକ୍ତି ଉତ୍ପାଦନ ଭଳି ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଅଧ୍ୟକ୍ଷା ରଶ୍ମି ରାଉତରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥି ଭାବେ କଟକସ୍ଥିତ ଏନ୍‌ଏସ୍‌ଏମ୍ ସିଟି କଲେଜ ଅଧ୍ୟକ୍ଷା ଶୁଭଦର୍ଶିନୀ ମହାନ୍ତି ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟାପିକା ଡ. କ୍ରିଷ୍ଣା କାବେରୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### ନିଯୁକ୍ତି ଦେବାକୁ କହି ଠକେଇ

କଟକ, ୯।୧୧ (ଶିଳ୍ପା ପ୍ରିୟଦର୍ଶିନୀ)

ଘରୋଇ ସଂସ୍ଥାରେ ଚାକିରି କରାଇ ଦେବାକୁ କହି ମଙ୍ଗଳାବାଗ ଅଞ୍ଚଳର ବିବେକ କୁମାର ସେନାପତିଙ୍କଠାରୁ ୨୮ ହଜାର ଟଙ୍କା ଠକି ନିଆଯାଇଛି। ଏ ନେଇ ବିବେକ ସମ୍ପୃକ୍ତ ସଂସ୍ଥାର ଜଣେ କର୍ମଚାରୀଙ୍କ ବିରୋଧରେ ଶନିବାର ଏସ୍‌ସିବି ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଉକ୍ତ ସଂସ୍ଥାରେ ଚାକିରି କରାଇଦେବା ପାଇଁ କର୍ମଚାରୀ ଜଣକ ବିବେକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏପରି କି ଏସ୍‌ସିବି ମେଡିକାଲରେ ନିଯୁକ୍ତି ଦେବା ପାଇଁ କହି ବିବେକଙ୍କୁ ୨୮ ହଜାର ଟଙ୍କା ମାଗିଥିଲେ। ଫଳରେ ବିବେକ ଫୋନ୍ ପେ ମାଧ୍ୟମରେ ସମ୍ପୃକ୍ତ କର୍ମଚାରୀଙ୍କୁ ଉକ୍ତ ଟଙ୍କା ଦେଇଥିଲେ। ଇତିମଧ୍ୟରେ ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ କର୍ମଚାରୀ ଜଣଙ୍କ ବିବେକଙ୍କୁ ଚାକିରି କରାଇ ଦେଇ ନ ଥିଲେ କି ଟଙ୍କା ଫେରାଇ ନ ଥିଲେ। ଫଳରେ ବିବେକ ଫାଣ୍ଡିରେ ଅଭିଯୋଗ କରିଥିଲେ। ଏନେଇ ଫାଣ୍ଡି ଅଧିକାରୀ ମଣେଶ୍ୱର ପ୍ରଧାନ କହିଛନ୍ତି, ଅଭିଯୋଗ ଅନୁଯାୟୀ ଷ୍ଟେଶନ ଡାଏରୀ କରାଯାଇଛି। ଏଥିସହ ଉଭୟଙ୍କୁ ଡାକି ପଚରାଉଚରା କରାଯାଇଛି। ତଦନ୍ତ ପରେ ପଦକ୍ଷେପ ନିଆଯିବ।

### ନାବାଳିକା ଅପହରଣ ଅଭିଯୋଗ, ଯୁବକ ଗିରଫ

କଟକ ସଦର, ୯।୧୧ (ସୁଶାନ୍ତ କୁମାର ଜେନା)

କିଶନ ନଗର ଥାନା ଅଞ୍ଚଳର ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଅନନ୍ତ ମଲ୍ଲିକ। ପୋଲିସ ସୂତ୍ରରୁ ପ୍ରକାଶ, ୨ ମାସ ତଳେ ଅଭିଯୁକ୍ତ ଜଣଙ୍କ ସମ୍ପୃକ୍ତ ନାବାଳିକାଙ୍କୁ ସ୍କୁଲ ଯିବା ବାଟରେ ଅପହରଣ କରି ନେଇ ଦିଲ୍ଲୀ ଚାଲି ଯାଇଥିଲେ। ଖବରପାଇ କଟକ ଗ୍ରାମାଞ୍ଚଳ ପୋଲିସର ସ୍ପେଶାଲ ସ୍କ୍ୱାଡ ସେଠାରେ ଚଢ଼ାଉ କରି ଉଭୟଙ୍କୁ ଉଦ୍ଧାର କରିବା ପରେ କଟକ ଆଣିଥିଲେ। ନାବାଳିକାଙ୍କ ବୟାନକୁ ଭିତ୍ତିକରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଫେସ୍‌ବୁକ୍ ମାଧ୍ୟମରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିବା ଥାନା ଅଧିକାରୀ ସୁମନ୍ତ କିଶାନ ସୂଚନା ଦେଇଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୨୩୯/୨୪) ରୁଜୁ ହୋଇଛି। ପଚରାଉଚରା ଶେଷ ହୋଇ ନ ଥିବାରୁ ନାବାଳିକାଙ୍କୁ ଗତିରାଉତ ପାଟଣାସ୍ଥିତ ବସୁନ୍ଧରାରେ ରଖାଯାଇଛି।

### ପଞ୍ଚକ, ବଡ଼ଓଷା ନିମନ୍ତେ ଧବଳେଶ୍ୱର ପୀଠରେ ପ୍ରସ୍ତୁତି

# ସୁରକ୍ଷା ପାଇଁ ୨୪ ସିସିଟିଭି କ୍ୟାମେରା ଲାଗିଲା

ଖୁଣ୍ଟୁଣୀ, ୯।୧୧ (ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ବାବା ଧବଳେଶ୍ୱରଙ୍କ ପୀଠରେ ଆସନ୍ତା ମଙ୍ଗଳବାର ପଞ୍ଚକ ଓ ବୁଧବାର ବଡ଼ଓଷା ପାଳନ କରାଯିବ। ଏଥିପାଇଁ ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ ଆଠଗଡ଼ ଦେବୋତ୍ତର ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିରଠାରୁ କଂକ୍ରିଟ ସେତୁ ପର୍ଯ୍ୟନ୍ତ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ଏଥିସହ କଂକ୍ରିଟ ପୋଲରେ ସ୍ଥାୟୀ ଭାବେ ସୌର ଆଲୋକ ଲଗାଯାଇଛି। ଦେବୋତ୍ତର ବିଭାଗ ପକ୍ଷରୁ ମନ୍ଦିର ଓ ପାର୍ଶ୍ୱ ଦେବଦେବୀ ମୂର୍ତ୍ତି ରଙ୍ଗ କରାଯାଇଛି। ନୂତନ ଆଇବି ପାଖରେ ହାଲୋଜିନ୍ ଲାଇଟ୍ ଲଗାଯାଇଛି। ବୟସ୍କ, ଦିବ୍ୟାଙ୍ଗ, ମହିଳା ଓ ଅନ୍ୟମାନଙ୍କ ସୁବିଧା ପାଇଁ କଂକ୍ରିଟ ପୋଲ ଶେଷ ମୁଣ୍ଡରୁ ମନ୍ଦିର ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ କରାଯାଇଛି। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପୀଠରେ ଅସ୍ଥାୟୀ ଟଏଲେଟ ବ୍ୟବସ୍ଥା କରାଯାଇଛି। ଏଥିସହ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଭକ୍ତଙ୍କ ସବୁଦିନିଆ ସୁବିଧା ନିମନ୍ତେ ପୀଠରେ ଅତ୍ୟାଧୁନିକ ଟଏଲେଟ ନିର୍ମାଣ କରାଯାଇଛି। ୫୫ ନମ୍ବର ଜାତୀୟ ରାଜପଥର ବାଳୀଠାରୁ ସୁନିଆମୁହଁ ଦେଇ ଧବଳେଶ୍ୱର ପୀଠକୁ ଆସିଥିବା ରାସ୍ତା କାର୍ଯ୍ୟ ଶେଷ ହୋଇଛି। ପୀଠ ମଧ୍ୟରେ ଥିବା ଚନ୍ଦନ ମଣ୍ଡପରେ ୬୫ ଇଞ୍ଚର ଏଲ୍‌ଇଡି ପରଦା ଲଗାଯାଇଛି। ଲୁଟେରା, ପକେଟ୍‌ମାରଙ୍କ ଉପରେ ନଜର ରଖିବା ପାଇଁ ବିଭିନ୍ନ ସ୍ଥାନରେ ୨୪ଟି ସିସିଟିଭି କ୍ୟାମେରା ଲଗାଯାଇଛି। ମାଙ୍କଡ଼ଙ୍କ ଉତ୍ପାତରୁ ଭକ୍ତଙ୍କୁ ସୁରକ୍ଷା ଦେବାକୁ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ସମସ୍ତ କାର୍ଯ୍ୟ ଶେଷ ହୋଇଛି ବୋଲି ଆଠଗଡ଼ ଦେବୋତ୍ତର ବିଭାଗ ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା କହିଛନ୍ତି।

ଶନିବାର ଅପରାହ୍ନରେ କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ୍ ସିଂ ଓ ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ ଧବଳେଶ୍ୱର ପୀଠରେ ପହଞ୍ଚି ସମସ୍ତ ବ୍ୟବସ୍ଥା ତଦାରଖ କରିଛନ୍ତି। ଏହି ସମୟରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଗୁରୁଡିଝାଟିଆ ଥାନା ଅଧିକାରୀ ପରେଶ ମହାନ୍ତି ଉପସ୍ଥିତ ଥିଲେ। ବିଭିନ୍ନ ବ୍ୟବସ୍ଥାର ତଦାରଖ ପାଇଁ ଶନିବାରଠାରୁ ଅତିରିକ୍ତ ଏସ୍‌ପିଙ୍କୁ ପୀଠରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

# କଠିନ ପରିଶ୍ରମ କଲେ ସଫଳତା ମିଳିବ


କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ, ଅଧ୍ୟାପିକା ଓ କର୍ମଚାରୀ।

ଖୁଣ୍ଟୁଣୀ, ୯।୧୧ (ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ବିଜ୍ଞାନ ଡିଗ୍ରୀ କଲେଜ ଇତିହାସ ବିଭାଗ ପକ୍ଷରୁ କଲେଜ ପରିସରରେ ନୂତନ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଇତିହାସ ବିଭାଗର ମୁଖ୍ୟ ଡ. ମନୋରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ. ଶଶିଭୂଷଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଛାତ୍ରୀଛାତ୍ର କଠିନ ପରିଶ୍ରମ କଲେ ସଫଳତାର ଶୀର୍ଷରେ ପହଞ୍ଚିପାରିବେ। ଅଧ୍ୟାପକ ନିରଞ୍ଜନ ପତ୍ରି ଅତିଥି ପରିଚୟ ଓ ଅଧ୍ୟାପିକା ଲକ୍ଷ୍ମୀ ବେହେରା ଧନ୍ୟବାଦ ଦେଇଥିଲେ। ଦୁର୍ଗା ମହାନ୍ତି, ଗୀତା ଦାଶ ଓ ଜ୍ୟୋତି ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମେଡିକାଲ କଲେଜରେ ଅଧିକ ଗବେଷଣା ଆବଶ୍ୟକ

କଟକ, ୯।୧୧ (ଶିଳ୍ପା ପ୍ରିୟଦର୍ଶିନୀ)


ଓଡ଼ିଶା ପେଡିକନ୍ ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

### ଓଡ଼ିଶା ପେଡିକନ୍ ସମ୍ମିଳନୀ ଉଦ୍‌ଘାଟିତ

ଏକାଡେମୀ ଅଫ୍ ପେଡିଆଟ୍ରିକ କଟକ ଜିଲା ଶାଖା, ଶିଶୁଭବନ ଓ ଏସ୍‌ସିବି ଶିଶୁରୋଗ ବିଭାଗର ମିଳିତ ସହଯୋଗରେ ଦୁଇଦିନିଆ ଇଣ୍ଡିଆନ୍ ଏକାଡେମିକ୍ ଅଫ୍ ପେଡିଆଟ୍ରିକ୍ସ (ଆଇଏପି)ର ୪୪ତମ ପ୍ରାଦେଶିକ ସମ୍ମିଳନୀ 'ଓଡ଼ିଶା ପେଡିକନ-୨୦୨୪' ଶନିବାର ଏସ୍‌ସିବି ମେଡିକାଲର ନୂତନ ଅଡିଟୋରିୟମରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ଡା. ମାନସ ରଞ୍ଜନ ସାହୁ ଯୋଗଦେଇ କହିଛନ୍ତି, ମେଡିକାଲ କଲେଜରେ ଏବେ ଅଧିକ ଗବେଷଣା ଆବଶ୍ୟକ। ମେଡିକାଲ କଲେଜଗୁଡିକର ଭିତ୍ତିଭୂମି ସୁଦୃଢ ହେଉଛି। ସେହି ଅନୁଯାୟୀ ମାନବସମ୍ବଳ ସୁଦୃଢ଼ ସହ ନିଯୁକ୍ତି କ୍ଷେତ୍ର ଓ ସିଲାବସ୍‌ରେ ନୂତନ ପାଠ୍ୟକ୍ରମ ଯୋଡିବା ଆବଶ୍ୟକ। ଏଭଳି ସମ୍ମିଳନୀ ଆୟୋଜନ ଦ୍ୱାରା ବିଭିନ୍ନ ଆଲୋଚନା ହେବା ସହ ରୋଗୀ ଚିକିତ୍ସାରେ ସହାୟକ ହୋଇଥାଏ। ଏଥିରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଡିଏମ୍‌ଇଟି ଡା. ବ୍ରଜ କିଶୋର ଦାଶ, ଆଇଏପି ରାଜ୍ୟ ଶାଖାର ସଭାପତି ଡା. ସମରେନ୍ଦ୍ର ମହାପାତ୍ର, ସମ୍ପାଦକ ଡା. ବିଜୟ କୁମାର ଭୂୟାଁ, କେନ୍ଦ୍ରୀୟ ଆଇଏପିର ଇଲେକ୍ଟୋରାଲ ବଡି ମେମ୍ବର ପ୍ରଫେସର ଡା. ସୁନୀଲ କୁମାର ଅଗ୍ରୱାଲ, ଏଓପି କଟକ ଶାଖାର ସମ୍ପାଦିକା ପ୍ରଫେସର ଡା. ସ୍ୱରୂପା ପଣ୍ଡା, କୋଷାଧ୍ୟକ୍ଷ ସହକାରୀ ପ୍ରଫେସର ଡା. ଜ୍ୟୋତିରଞ୍ଜନ ଶତପଥୀ ଯୋଗଦେଇଥିଲେ। ଏହି ଅବସରରେ ସ୍ମରଣିକା ଉନ୍ମୋଚନ ହୋଇଥିଲା। ଏହି ସମ୍ମିଳନୀରେ ରାଜ୍ୟ ତଥା ରାଜ୍ୟ ବାହାରୁ ୫୦୦ରୁ ଅଧିକ ଶିଶୁରୋଗ ଡାକ୍ତର ଯୋଗଦେଇଥିଲେ। ପ୍ରଥମ ଦିନରେ ଶିଶୁରୋଗୀଙ୍କ ଚିକିତ୍ସା ସମ୍ପର୍କରେ ଆଲୋଚନା ହୋଇଥିଲା। ଶିଶୁଭବନ ଅଧୀକ୍ଷକ ଦାୟିତ୍ୱରେ ଥିବା ତଥା ଆୟୋଜକ କମିଟିର ଚେୟାରପର୍ସନ ପ୍ରଫେସର ଡା. ପ୍ରଭାକର ମିଶ୍ର ସ୍ୱାଗତ ଭାଷଣ ଓ ଆୟୋଜକ କମିଟି ସମ୍ପାଦିକା ତଥା ଏସ୍‌ସିବି ଶିଶୁରୋଗ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଗୀତାଞ୍ଜଳି ସେଠୀ ଧନ୍ୟବାଦ ଦେଇଥିଲେ।



ଜାତୀୟ ଆଇନସେବା ଦିବସରେ ଶନିବାର ଜିଲା ଆଇନସେବା ପ୍ରାଧିକରଣ କଟକ ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସରରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।


କଟକ ବାଲିଯାତ୍ରା ପାଇଁ ତଳପଡିଆରେ ଦୋଳି ପ୍ରସ୍ତୁତ କରାଯାଉଛି। (ଫଟୋ-ରାଜକିଶୋର ମହାନ୍ତି)

# ବିରଳ କଇଁଛ ଉଦ୍ଧାର



ବାରଙ୍ଗ,୯।୧୧(ଲିଙ୍ଗରାଜ ରାଉତ)

ମୁଣ୍ଡଳୀ ବ୍ୟାରେଜ୍ ନିକଟରେ ଥିବା ଜଗନ୍ନାଥ ମନ୍ଦିର ନିକଟରୁ ଶନିବାର ସକାଳେ ଏକ ବିରଳ କଇଁଛ ଉଦ୍ଧାର ହୋଇଛି। ସକାଳୁ ସାନମୁଣ୍ଡଳୀ ଗ୍ରାମର କେତେଜଣ ମହିଳା ମନ୍ଦିରକୁ ପୂଜା କରିବାକୁ ଯାଉଥିବାବେଳେ ସେଠାରେ ଏକ ବିରଳ କଇଁଛ ଯାଉଥିବା ଦେଖିବାକୁ ପାଇଥିଲେ। ତେବେ କଇଁଛର ପିଠି ଶଙ୍ଖ ସଦୃଶ ହୋଇଥିବାରୁ ଏହା ଏକ ବିରଳ ବୋଲି ଗ୍ରାମବାସୀ କହିଛନ୍ତି। ଏହାପରେ ମହିଳାମାନେ କଇଁଛକୁ ଉଦ୍ଧାର କରି ପୂଜାର୍ଚ୍ଚନା ଆରମ୍ଭ କରିଛନ୍ତି। ତେବେ ଏହି ଖବର ପ୍ରଚାରିତ ହେବା ପରେ ଦେଖଣାହାରିଙ୍କ ଭିଡ଼ ଲାଗିରହିଛି।

# ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀ 'ମୋଦି@୨୦'

## ଦୁବାଇରେ ଉଦ୍‌ଘାଟନ

ଭୁବନେଶ୍ୱର,୯।୧୧(ବନ୍ଦନା ସେଠୀ)

ସୁଭଦ୍ରା ଆର୍ଟ ଗ୍ୟାଲେରି ଭୁବନେଶ୍ୱର, ଦୁବାଇ ଓଡ଼ିଆ ସମାଜ ଏବଂ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନ ପକ୍ଷରୁ ଶନିବାର ଦୁବାଇ ଇଣ୍ଟରନ୍ୟାଶନାଲ ଆର୍ଟ ସେଣ୍ଟରଠାରେ ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀ 'ମୋଦି@୨୦' ଆରମ୍ଭ ହୋଇଛି। ଏଥିରେ ଓଡ଼ିଶା, ଆସାମ, ତ୍ରିପୁରା, ଗୁଜରାଟ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଦିଲ୍ଲୀରୁ ପ୍ରାୟ ୪୦ଜଣ ଏବଂ ଦୁବାଇରୁ ପ୍ରାୟ ୨୦ଜଣ ଚିତ୍ରଶିଳ୍ପୀ ଭାଗ ନେଇଛନ୍ତି। ପ୍ରଦର୍ଶନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଜନାଭିମୁଖୀ କାର୍ଯ୍ୟକଳାପକୁ ଚିତ୍ରକଳା ମାଧ୍ୟମରେ ପ୍ରଦର୍ଶିତ କରାଯାଇଛି। ତେବେ ଚିତ୍ରଶିଳ୍ପୀ ରାଜମାତା ଦୀପ୍ତି ଯାଦବଙ୍କ ଦ୍ୱାରା ଚିତ୍ରିତ 'ଦ ମୋଦି ଆଣ୍ଡ୍ କ୍ରାଉନ ପ୍ରିନ୍ସ' ଓ ଚିତ୍ରଶିଳ୍ପୀ ଅନୁପ ଚାନ୍ଦଙ୍କ ଦ୍ୱାରା ଅଙ୍କିତ 'ମୋଦି ଆଣ୍ଡ୍ ଟି କେଟେଲ' ଦର୍ଶକଙ୍କ ମଧ୍ୟରେ ବେଶ୍ ଆଦୃତି ହାସଲ କରିପାରିଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ, ଓଡ଼ିଶାର ଚିତ୍ରକଳା ହେଉଛି ଆମ ଗୌରବମୟ ଇତିହାସ, ପରମ୍ପରା ଏବଂ ସାଂସ୍କୃତିକ ଐତିହ୍ୟର ଅମ୍ଳାନ ପ୍ରତୀକ। ଓଡ଼ିଶାର ପାରମ୍ପରିକ ପଟ୍ଟଚିତ୍ର, ପୋଥିଚିତ୍ର, ଭିତ୍ତିଚିତ୍ର, ତାଳପତ୍ର ଚିତ୍ର ଆଜି ବିଶ୍ୱ ପ୍ରସିଦ୍ଧ। ଚିତ୍ରକଳା ପ୍ରଦର୍ଶନୀ ମାଧ୍ୟମରେ ଏକ ଶୈକ୍ଷିକ ବାତାବରଣ ସୃଷ୍ଟିହେବ। ବିଭିନ୍ନ ପ୍ରଦେଶରୁ ଆସିଥିବା ଶିଳ୍ପୀମାନଙ୍କର ଭାବ ବିନିମୟ ପାଇଁ ଏହା ଏକ ଉତ୍କୃଷ୍ଟ ପ୍ଲାଟ୍‌ଫର୍ମ ବୋଲି ସେ ମତ ଦେଇଥିଲେ। ଗ୍ୟାଲେରି ଚେୟାରମ୍ୟାନ ସୂର୍ଯ୍ୟ ରଥ, ନିର୍ଦ୍ଦେଶକ ଅଶୋକ ନାୟକ, ଫାଉଣ୍ଡେଶନର ଚେୟାରମ୍ୟାନ ଡ. ବିପିନ ମିଶ୍ର, ଦୁବାଇ ଇଣ୍ଟରନ୍ୟାଶନାଲ ଆର୍ଟ ସେଣ୍ଟରର ଚେୟାର ପର୍ସନ ଦୟାଲୀ ଭଲିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନୀ ନଭେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି।



ଦୁବାଇରେ 'ମୋଦି@୨୦'କୁ ଉଦ୍‌ଘାଟନ ଅବସରରେ ରାଜ୍ୟ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଓ ଅନ୍ୟ ଅତିଥିମାନେ।

# ଆରମ୍ଭ ହେଲା ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ



ଶ୍ରୀଜଗନ୍ନାଥ ମହୋତ୍ସବ ଉଦ୍‌ଘାଟନ ଅବସରରେ ସନ୍ଥ ରାମନାରାୟଣ ମହାରାଜଙ୍କ ସହ ଅତିଥିମାନେ।

ଭୁବନେଶ୍ୱର,୯।୧୧(ବନ୍ଦନା ସେଠୀ)

## କାଳିଆର ଭକ୍ତି ରସରେ ଏକାକାର ଶ୍ରଦ୍ଧାଳୁ

ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ କମିଟି ପକ୍ଷରୁ ଶ୍ରୀଜଗନ୍ନାଥ ମହୋତ୍ସବ ଶନିବାର ନୟାପଲ୍ଲୀସ୍ଥିତ କସ୍ତୁରବା ପଡ଼ିଆରେ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ସନ୍ଥ ରାମନାରାୟଣ ମହାରାଜ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ୫ଦିନ ବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ କଥାବାଚକ ବାବାଜୀ ଅମୃତାନନ୍ଦ ଦାସ ମହାରାଜ ଯୋଗଦେଇଥିଲେ। ସେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଲୀଳାର ବିଭିନ୍ନ ସାରସ୍ୱତ ମାହାତ୍ମ୍ୟ ଉପରେ ଶ୍ରଦ୍ଧାଳୁଙ୍କୁ ସ୍କନ୍ଦ ପୁରାଣରୁ ଅମୃତବାଣୀ ପ୍ରଦାନ କରିଥିଲେ। ଏଥିସହ ସର୍ବେଶ୍ୱର ବୈଠାରୁଙ୍କ ଟିମ୍ ଗୀତଗୋବିନ୍ଦ, ପାରମ୍ପରିକ ଭଜନ ପରିବେଷଣ କରିଥିଲେ। କୁନି ଶିଳ୍ପୀ ଅନନ୍ୟା ସାମନ୍ତରାୟ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ଯଜ୍ଞ ୧୩ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଚାଲିବ। ଏହି ଅବସରରେ ମହାପ୍ରଭୁଙ୍କ ୨୪ବେଶ ପ୍ରଦର୍ଶିତ ହେବା ସହ ଭଜନ ଓ ସଙ୍କୀର୍ତ୍ତନ ଚାଲିଛି। ଶ୍ରଦ୍ଧାଳୁମାନେ ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଭକ୍ତିଭାବରେ ଏକାକାର ହୋଇ ଆଧାତ୍ମିକ ଚେତନାର ପରିବେଶର ଆନନ୍ଦ ଉଠାଉଛନ୍ତି। ଉଦ୍‌ଘାଟନୀ ମହୋତ୍ସବରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଅରୁଣ ପଟ୍ଟନାୟକ, ଭାଜପାର ବରିଷ୍ଠ ନେତା ତଥା ମହୋତ୍ସବ କମିଟି ଅଧ୍ୟକ୍ଷ ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର, ଦିଲୀପ ଶ୍ରୀଚନ୍ଦନ, ରମେଶ ବିଶ୍ୱାଳ, ସ୍ଥାନୀୟ କର୍ପୋରେଟର ବନ୍ଦିତା ପାଲ, ସାମାଜିକ କର୍ମୀ ଅର୍ଜୁନ ବେହେରା, ସମ୍ପାଦକ ପ୍ରଦୀପ କୁମାର ରାଉତରାୟ, ପ୍ରକାଶ ଶ୍ରୀଚନ୍ଦନ, ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ବଙ୍ଗୀୟ ମହିଳା ଭକ୍ତଙ୍କ ମାଡ଼ରେ ଜେଟିପି ଆହତ

ପୁରୀ,୯।୧୧(ଅଜିତ୍ କୁମାର ମହାନ୍ତି)

କାର୍ତ୍ତିକ ମାସ ଚାଲିଥିବାରୁ ଶ୍ରୀମନ୍ଦିରରେ ବର୍ତ୍ତମାନ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ଲାଗିରହୁଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତ ପ୍ରତ୍ୟେକ ଦିନ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଶ୍ରୀମନ୍ଦିରକୁ ଆସୁଛନ୍ତି। ତେବେ ଶନିବାର ଶ୍ରୀମନ୍ଦିରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ବଙ୍ଗୀୟ ମହିଳା ଭକ୍ତଙ୍କ ମାଡ଼ରେ ଶ୍ରୀଜଗନ୍ନାଥ ମନ୍ଦିର ପୋଲିସ(ଜେଟିପି) ଆହତ ହୋଇଛନ୍ତି। ଶ୍ରୀମନ୍ଦିର ଘଣ୍ଟି ଦ୍ୱାର ନିକଟରେ ଏପରି ଅଭାବନୀୟ ଘଟଣା ଘଟିଛି।

ମିଳିଥିବା ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ଜେଟିପି ଗୁପ୍ତେଶ୍ୱର ରାଉତରାୟ ସକାଳ ୯ଟାରେ ଶ୍ରୀମନ୍ଦିର ଘଣ୍ଟି ଦ୍ୱାରରେ ହବିଷିଆଳିଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଦାୟିତ୍ୱରେ ଥିଲେ। ଏହି ସମୟରେ କିଛି ବଙ୍ଗୀୟ ଭକ୍ତ ପ୍ରସ୍ଥାନ ବାଟ ଦେଇ ପ୍ରବେଶ ପାଇଁ ଚେଷ୍ଟା କରିବାରୁ ଘଣ୍ଟି ଦ୍ୱାର ନିକଟରେ ଜେଟିପି ଗୁପ୍ତେଶ୍ୱର ଏହାକୁ ବାରଣ କରିଥିଲେ, ଯାହାକୁ ନେଇ ବଙ୍ଗୀୟ ଭକ୍ତ ଏବଂ ଗୁପ୍ତେଶ୍ୱରଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ବଙ୍ଗୀୟ ଭକ୍ତମାନେ ଉତ୍‌କ୍ଷିପ୍ତ ହୋଇ ଗୁପ୍ତେଶ୍ୱରଙ୍କୁ ଆକ୍ରମଣ କରିଥିଲେ। ଫଳରେ ଗୁପ୍ତେଶ୍ୱରଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ସେଠାରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ଆକ୍ରମଣ କରିଥିବା ବଙ୍ଗୀୟ ଭକ୍ତଙ୍କୁ ସିଂହଦ୍ୱାର ଥାନା ଜିମାରେ ଦିଆଯାଇଥିଲା। ସିଂହଦ୍ୱାର ଥାନାରେ ଉଭୟଙ୍କ ପକ୍ଷରୁ ଅଭିଯୋଗ ହୋଇଥିବାରୁ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ ଆହତ ଗୁପ୍ତେଶ୍ୱରଙ୍କ କହିବା ହେଲା ମହାପ୍ରଭୁଙ୍କ ଗୋପାଳବଲ୍ଲଭ ସମ୍ପନ୍ନ ହେବା ପରେ ପ୍ରଥମେ ହବିଷିଆଳି ମା'ମାନଙ୍କୁ ଦର୍ଶନ ନିମନ୍ତେ ଛଡ଼ାଯାଇଥିଲା। ଏହି ସମୟରେ କିଛି ବଙ୍ଗୀୟ ମହିଳା ଓ ଜଣେ ପୁରୁଷ ଭକ୍ତ ପ୍ରସ୍ଥାନ ହେଉଥିବା ଦ୍ୱାର ଦେଇ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ସେ ଓ ଅନ୍ୟ ଜେଟିପି ସେମାନଙ୍କୁ ପ୍ରବେଶ ନ କରିବାକୁ କହିଥିଲେ। ମାତ୍ର ବଙ୍ଗୀୟ ଭକ୍ତମାନେ ଜୋରଜବରଦସ୍ତ ପଶିବାକୁ ଚେଷ୍ଟା କରିଥିଲେ। ବାରଣ କରିବାରୁ ଗୁପ୍ତେଶ୍ୱରଙ୍କ ମୁହଁକୁ ଆକ୍ରମଣ କରିବା ସହ ଛେପ ପକାଇଥିଲେ। ଟଣାଓଟରା କରିବା ସହ ମାଡ଼ ମାରିଥିଲେ। ପରେ ଅନ୍ୟ ଜେଟିପିମାନେ ବଙ୍ଗୀୟ ଭକ୍ତଙ୍କୁ କାବୁ କରି ସିଂହଦ୍ୱାର ଥାନାକୁ ଖବର ଦେଇଥିଲେ। ଖବରପାଇ ସିଂହଦ୍ୱାର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଥାନାରେ ଅଟକ ରଖିଥିବା ଗୁପ୍ତେଶ୍ୱର କହିଛନ୍ତି। ଅପରପକ୍ଷରେ ବଙ୍ଗୀୟ ଭକ୍ତଙ୍କ କହିବା ଅନୁଯାୟୀ, ସେ ପରିବାର ସହ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିଥିଲେ। ତାଙ୍କୁ ତାଙ୍କ ପଣ୍ଡା ସକାଳ ୬ଟା ୩୦ରେ ଆସିବାକୁ କହିଥିଲେ। ସେମାନେ ଲାଇନରେ ଯିବା ସମୟରେ ଦର୍ଶନ ବନ୍ଦ ହୋଇଯାଇଥିଲା। ଫଳରେ ଦର୍ଶନ କରିବାକୁ ଅପେକ୍ଷା କରିଥିଲେ। କିଛି ସମୟ ଅପେକ୍ଷା କରିବା ପରେ ଦର୍ଶନ ଆରମ୍ଭ ହୋଇଥିଲା। ତେବେ ତାଙ୍କର କେତେଜଣ ପରିବାର ସଦସ୍ୟ ବ୍ୟାରିକେଡ ସେପଟକୁ ପଳାଇଥିବା ବେଳେ ଅନ୍ୟ କେତେଜଣ ଏପଟେ ରହିଯାଇଥିଲେ। ଏପରିକି ମହିଳାଙ୍କ ଗୋଡ଼ ବ୍ୟାରିକେଡ ଭିତରେ ରହିଯାଇଥିଲା। ସେମାନଙ୍କୁ ଜେଟିପି ପୋଲିସ ଠେଲାପେଲା କରିଥିଲେ। ଏପରି କି ତାଙ୍କ ଛାତିକୁ ଧକ୍କା ଦେବା ସହ ମାଡ଼ ମାରିଥିଲେ। ସେଠାରେ ମହିଳା ପୋଲିସ ନ ଥିଲେ। ସେ ଏନେଇ ପ୍ରତିବାଦ କରିବାରୁ ତାଙ୍କୁ ଜେଟିପିମାନେ ମିଶି ମାଡ଼ ମାରିଥିଲେ। ପରେ ଲେଡିଜ ପୋଲିସ ଆସି ତାଙ୍କୁ ଥାନାକୁ ଆଣିଛନ୍ତି। ସିସିଟିଭି ଫୁଟେଜ ଯାଞ୍ଚ କରାଯିବାକୁ ବଙ୍ଗୀୟ ମହିଳା ଦାବି କରିଛନ୍ତି। ତେବେ ଉଭୟଙ୍କ ପକ୍ଷରୁ ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଥିବାବେଳେ ପୋଲିସ କୌଣସି ମାମଲା ରୁଜୁ କରି ନ ଥିବା ସୂଚନା ମିଳିଛି।

# କେନାଲରୁ ମହିଳାଙ୍କ ମୃତଦେହ ଜବତ

ବାଲକାଟୀ,୯।୧୧(ମନୋଜ ମଣ୍ଡଳ)

ବାଲକାଟୀ ଫାଣ୍ଡି ଅଧୀନ ପୁରୀ ମୁଖ୍ୟ କେନାଲରୁ ଶନିବାର ଜଣେ ମହିଳାଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଜବତ ହୋଇଛି। ମୃତା ହେଲେ ବାଲିଅନ୍ତା ଥାନା ଯଶୁଆପୁର ଗ୍ରାମର ହରିଶଙ୍କର ମହାପାତ୍ରଙ୍କ ଝିଅ ଲଳିତା ମହାପାତ୍ର(୩୬)। ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୫/୨୪) ରୁଜୁ କରି ତଦନ୍ତ ଚଳାଇଛି। ପୂର୍ବାହ୍ନ ୧୧ଟାରେ ଜଣେ ମହିଳାଙ୍କ ମୃତଦେହ କେନାଲରେ ଭାସୁଥିବା ଦେଖିବାକୁ ମିଳିଥିଲା। ବାଲିଅନ୍ତା ଅଗ୍ନିଶମ ବାହିନୀ ପହଞ୍ଚି କେନାଲରୁ ମୃତଦେହ ଜବତ କରିବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ଲାଗି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସୂଚନା ମୁତାବକ, ଲଳିତା ୨୦୦୭ରେ ପୁରୀ ଜିଲା ପିପିଲି ଥାନା ଅଧୀନ ମଙ୍ଗଳପୁରରେ ବିବାହ କରିଥିଲେ। ପାରିବାରିକ ବିବାଦରୁ ସ୍ୱାମୀ ଓ ସ୍ତ୍ରୀଙ୍କ ବିବାହ ବିଚ୍ଛେଦ ହୋଇଥିଲା। ୨୦୦୯ରୁ ଲଳିତାଙ୍କ ମାନସିକ ଅବସ୍ଥା ଠିକ୍ ନ ଥିଲା। ଶନିବାର ସକାଳେ ସେ ସୁଦର୍ଶନଙ୍କ ଦାରୁପୀଠକୁ ଯାଉଛି କହି ଘରୁ ଆସିଥିଲେ। କିଛି ଘଣ୍ଟା ପରେ ମାଳ ଭୋଇ ସାହି ନିକଟ କେନାଲରେ ଲଳିତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ରତିକାନ୍ତ



@ ସୁରେଶ



@ ସୌରଭ



@ ହରପ୍ରିୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ମୂଳ ସଂସ୍କୃତିକୁ ପାସୋରିଯିବା ଉଚିତ ନୁହେଁ'

## ବିଜୟ ସାହୁଙ୍କ ସ୍ୱପ୍ନକୁ ଆହୁରି ବ୍ୟାପକ କରିବା ପାଇଁ ଅନୁଷ୍ଠାନ ପ୍ରତିଶ୍ରୁତିବଦ୍ଧ: ଡ. ଶିଳ୍ପୀ ସାହୁ

## ସାଇ ଇଣ୍ଟରନ୍ୟାଶନାଲ ଏଜୁକେଶନ ଗ୍ରୁପ୍‌ର ପ୍ରତିଷ୍ଠାତା ସ୍ମାରକୀ ସିରିଜ୍



ଭୁବନେଶ୍ୱର,୯।୧୧ (ଅନୁରାଧା ମହାରଣା)

ସାଇ ଇଣ୍ଟରନ୍ୟାଶନାଲ ଏଜୁକେଶନ ଗ୍ରୁପ୍ ପକ୍ଷରୁ ସାଇ ଇଣ୍ଟରନ୍ୟାଶନାଲର ପ୍ରତିଷ୍ଠାତା ଡ. ବିଜୟ କୁମାର ସାହୁଙ୍କ ସ୍ମୃତିରେ ପ୍ରତିଷ୍ଠାତା ସ୍ମାରକୀ ସିରିଜ୍-୨୦୨୪ ଅନୁଷ୍ଠିତ ହୋଇଯାଇଛି। 'ଖୁସିମନ, ଉଜ୍ଜ୍ୱଳ ଭବିଷ୍ୟତ' ବିଷୟବସ୍ତୁକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରୁପ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସେ କହିଲେ, ଡ. ବିଜୟ ସାହୁ ଶିକ୍ଷା କ୍ଷେତ୍ରରେ ଦେଖିଥିବା ସ୍ୱପ୍ନକୁ ଆହୁରି ବ୍ୟାପକ କରିବା ପାଇଁ ଅନୁଷ୍ଠାନ ପ୍ରତିଶ୍ରୁତିବଦ୍ଧ। ପ୍ରତିଷ୍ଠାତା ସ୍ମାରକୀ ସିରିଜ୍ ଭବିଷ୍ୟତର ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେବା ସହ ନୂତନ ତଥା ବିକଶିତ ଭାରତ ଗଠନରେ ସହାୟକ ହେବ ବୋଲି ସାହୁ କହିଥିଲେ। ପ୍ରତିଷ୍ଠାତା କାର୍ଯ୍ୟାଳୟର ସଦସ୍ୟ ବିଶାଳ ଆଦିତ୍ୟ ସାହୁ କହିଲେ, ପ୍ରତିଷ୍ଠାତା ଡ. ସାହୁଙ୍କ ଦ୍ୱାରା ଦିଆଯାଇଥିବା ଶିକ୍ଷା ଆମ ଭିତରେ ଥିବା ସ୍ୱପ୍ନର ଶକ୍ତିକୁ ପ୍ରଜ୍ୱଳିତ କରିବାକୁ ମାର୍ଗଦର୍ଶନ ଦେଖାଇଥିଲା। ଏହାର ପ୍ରତିଫଳନ ସ୍ୱରୂପ ଅନେକ ହାଜର ଛାତ୍ରୀଛାତ୍ର ଦେଶବିଦେଶରେ ଅଧ୍ୟୟନକରି ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲେଖକ ଅମିଶ ତ୍ରିପାଠୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶିକ୍ଷା ଓ ସଂସ୍କାର ଦିଗରେ ବିସ୍ତୃତ ଆଲୋଚନା କରିଥିଲେ। ଛାତ୍ରୀମାନେ ନିଜକୁ ଭଲ ଭାବେ ବୁଝିବା ସହ ଚତୁଃପାର୍ଶ୍ୱରେ ଘଟୁଥିବା ପ୍ରତିଟି ଘଟଣା ଏବଂ ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ଜାଣିରଖିବା ଉଚିତ। କୌଣସି ବ୍ୟକ୍ତି ବା ସଙ୍ଗଠନକୁ ଶତ୍ରୁ ବିଚାରକରି ପଦକ୍ଷେପ ଗ୍ରହଣ କରିବା ପୂର୍ବରୁ ଛାତ୍ରୀଛାତ୍ର ଏହାର ପରିଣାମ ସମ୍ପର୍କରେ ଜାଣିରଖିବା ଆବଶ୍ୟକ। ବଦଳୁଥିବା ଜୀବନଶୈଳୀ ଓ ଯୁଗ ସହ ଆମକୁ ତାଳଦେଇ ଆଗକୁ ବଢ଼ିବାକୁ ପଡ଼ିବ। ମାତ୍ର ଆମେ ଆମ ମୂଳ ସଂସ୍କୃତିକୁ ପାସୋରିଯିବା ଠିକ୍ ନୁହେଁ। ତେବେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଡ. ବିଜୟ କୁମାର ସାହୁଙ୍କ ପଦଚିହ୍ନକୁ ଅନୁସରଣ କରୁଥିବାରୁ ଏହି ଶିକ୍ଷାନୁଷ୍ଠାନ ସଫଳତାର ପାହାଚ ଚଢ଼ିଚାଲିଛି। ବର୍ତ୍ତମାନ ଇଂଲିଶ ଭାଷା ଶିକ୍ଷା ଅତ୍ୟାବଶ୍ୟକ ହୋଇପଡ଼ିଥିବାରୁ ପିଲାମାନେ ଏଥିରେ ଦକ୍ଷତା ହାସଲ କରିବା ସହ ଓଡ଼ିଆ ଛାତ୍ରୀଛାତ୍ର ଓଡ଼ିଆ ଭାଷାରେ ପ୍ରବୀଣ ହେବାକୁ ସେ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ସ୍କୁଲର ସଙ୍ଗୀତ ଶିକ୍ଷକ ହିମାଂଶୁ ଶେଖର ସ୍ୱାଇଁଙ୍କ ନେତୃତ୍ୱରେ ସଙ୍ଗୀତ ପରିବେଷଣ କରାଯାଇଥିଲା। ପ୍ରତିଷ୍ଠାତା ଡ. ସାହୁଙ୍କ ସ୍ମୃତିରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ସିନିୟର ପ୍ରିନ୍ସିପାଲ ନୀଳକଣ୍ଠ ପାଣିଗ୍ରାହୀ, ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲର ହେଡ୍ ମାଷ୍ଟର ଅମିତାଭ ଅଗ୍ନିହୋତ୍ରୀ ପ୍ରମୁଖ ଯୋଗଦେଇଥିଲେ।

# ଦାଦାବଟିଙ୍କୁ କେନ୍ଦ୍ରକରି କଇଁମୁଣ୍ଡିରେ ବୋମାମାଡ଼

ବାଙ୍କୀ,୯।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ କଇଁମୁଣ୍ଡିରେ ଶନିବାର ଭୋର ସମୟରେ ବୋମାମାଡ଼ ହୋଇଛି। କଇଁମୁଣ୍ଡି ଫାଣ୍ଡି ନିକଟରେ ନିର୍ମାଣାଧୀନ ହାଇଲେଭଲ ବ୍ରିଜ କାମରେ ନିୟୋଜିତ ଶ୍ରମିକଙ୍କ କ୍ୟାମ୍ପ ଓ ମେଶିନ ଉପରକୁ ଦୁର୍ବୃତ୍ତମାନେ ବୋମାମାଡ଼ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଫଳରେ ମେଶିନଟି କ୍ଷତିଗ୍ରସ୍ତ ହୋଇଥିବାବେଳେ ସୌଭାଗ୍ୟବଶତଃ କ୍ୟାମ୍ପରେ ଥିବା ଶ୍ରମିକମାନେ ବର୍ତ୍ତିଯାଇଛନ୍ତି। ଦାଦାବଟିଙ୍କୁ କେନ୍ଦ୍ର କରି ଏହି ବୋମାମାଡ଼ ହୋଇଥିବା ନେଇ ଠିକା କମ୍ପାନୀ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି। ଏହାପରେ ବାଙ୍କୀ ପୋଲିସ ଅଧିକାରୀ ଶିବଚରଣ ବେହେରା ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସେଠାରୁ ବୋମାରେ ବ୍ୟବହୃତ କପଡା, ସୂତା ଓ କାଗଜ ମିଳିଛି।

ଏ ସମ୍ପର୍କରେ ବ୍ରିଜ୍ କାମରେ ନିୟୋଜିତ ଥିବା ଜଣେ ଶ୍ରମିକ କହିଛନ୍ତି, ଦୁର୍ବୃତ୍ତମାନେ ଏକ କଳା ପଲ୍‌ସର ବାଇକ୍‌ରେ ଆସି ଏହି ବୋମାମାଡ଼ କରିଥିଲେ। ସେମାନେ ପ୍ରଥମେ ୨ଟି ବୋମା କାମରେ ନିୟୋଜିତ ମେଶିନ ଉପରକୁ ମାଡ଼ କରିଥିଲେ। ପରେ ଫାଣ୍ଡି ସମ୍ମୁଖରେ ବ୍ରିଜ୍ କାମ ହେଉଥିବା ସ୍ଥାନରେ ଅନ୍ୟ ଏକ ବୋମା ଫୋପାଡ଼ି ଚାଲିଯାଇଥିଲେ। ସେଠାରେ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କ କ୍ୟାମ୍ପ ରହିଛି। ବୋମାମାଡ଼ ଯୋଗୁ ବ୍ରିଜ୍ କାର୍ଯ୍ୟରେ ନିୟୋଜିତ ମେଶିନ୍‌ର କାଚ ଭାଙ୍ଗିଯାଇଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି ବୋଲି କଇଁମୁଣ୍ଡି ଫାଣ୍ଡି ଅଧିକାରୀ ପ୍ରଦୀପ କୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି। ୪ ଦିନ ତଳେ ମଧ୍ୟ ଦାଦାବଟିଙ୍କୁ କେନ୍ଦ୍ର କରି ଦୁର୍ବୃତ୍ତମାନେ ଏଭଳି ବୋମାମାଡ଼ କରିଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।



ବୋମାମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ମେଶିନ।

